

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୩ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 September 2025

Vol.No. 36 ■ No.252 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ପ୍ରଧାନମନ୍ତ୍ରୀଙ୍କ ଅରୁଣାଚଳ ପ୍ରଦେଶ ଓ ତ୍ରିପୁରା ଗସ୍ତ: କହିଲେ, ଶୀର୍ଷ ଛୁଇଁବ ଉତ୍ତର-ପୂର୍ବାଞ୍ଚଳ

- ୫, ୧୨୭ କୋଟି ଟଙ୍କାର ପ୍ରକଳ୍ପ ଉପହାର
- ଏଥିରେ ୨ଟି ବୃହତ୍ ଜଳବିଦ୍ୟୁତ ପ୍ରକଳ୍ପ ରହିଛି
- ଜଳବିଦ୍ୟୁତ୍ ଉତ୍ପାଦନ ଓ ଯୋଗାଯୋଗର ବିକାଶ ହେବ
- ପର୍ଯ୍ୟଟନ ଓ ସାଂସ୍କୃତିକ ବିଭବର ଉଦାହରଣ ହେବ ଉତ୍ତର-ପୂର୍ବାଞ୍ଚଳ



ନୂଆଦିଲ୍ଲୀ,୨୨/୯ : ଜଳବିଦ୍ୟୁତ୍ ଉତ୍ପାଦନ, ଯୋଗାଯୋଗ, ପର୍ଯ୍ୟଟନ ଓ ସାଂସ୍କୃତିକ ବିଭବରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଦେଶରେ ଉଦାହରଣ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅରୁଣାଚଳ ପ୍ରଦେଶରେ ଏସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହିତ କିଛି ପ୍ରକଳ୍ପ ଉଦଘାଟନ କରିଛନ୍ତି । ମୋଟ୍ ୫ ହଜାର ୧୨୭ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ଏସବୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରାଯାଇଛି । ଅରୁଣାଚଳ ପ୍ରଦେଶରେ ଦୁଇଟି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହା ମଧ୍ୟରେ ରହିଛି ହିଓ ଏବଂ ଟାଟୋ-୧ ଜଳ ବିଦ୍ୟୁତ୍ ପ୍ରକଳ୍ପ । ଏହି ଦୁଇ ପ୍ରକଳ୍ପ ପାଇଁ ୩ ହଜାର ୭ କୋଟି ଟଙ୍କା ଖର୍ଚ୍ଚ ହେବ । ଅରୁଣାଚଳ ପ୍ରଦେଶ ରାଜଧାନୀ ଇଟାନଗରରେ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ସମ୍ବୋଧନ କରିଥିଲେ। ଏହାପରେ ତ୍ରିପୁରା ଯାଇଥିଲେ ମୋଦୀ ।ତ୍ରିପୁରା ରାଜଧାନୀ ଅଗରତାଲାରେ ବିଭିନ୍ନ କାର୍ଯ୍ୟକ୍ରମ ପରେ ଅଗରତାଲାରୁ ମୋଦୀ ହେଲିକପ୍ଟର ଯୋଗେ ଉଦୟପୁର ଯାଇଥିଲେ । ସେଠାରେ ୫୨୪ ବର୍ଷର ପୁରୁଣା ମାତା ତ୍ରିପୁରା ସୁନ୍ଦରୀ ମନ୍ଦିରର ପୁନଃ ବିକଶିତ ପ୍ରକଳ୍ପକୁ ମୋଦୀ ଉଦଘାଟନ କରିଛନ୍ତି । ଏହି ମନ୍ଦିରର ବିକାଶ ପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ହେଲିପ୍ୟାଡରୁ ମୋଦୀ ତ୍ରିପୁରା ସୁନ୍ଦରୀ ମନ୍ଦିର ପର୍ଯ୍ୟନ୍ତ ୧୨ କିଲୋମିଟର ରୋଡ୍ ଶୋ କରିଥିଲେ ।

# ଆଜି ସ୍ଥାନାନ୍ତର ହେବ ରତ୍ନଭଣ୍ଡାର



ପୁରୀ, ୨୨/୯ (ନି.ପ୍ର): ରତ୍ନଭଣ୍ଡାର ସ୍ଥାନାନ୍ତର ପାଇଁ ଶ୍ରୀମନ୍ଦିରରେ ଆସନ୍ତାକାଲି ଦିନ ୧୦ଟାରୁ ବନ୍ଦ ରହିବ ସାଧାରଣ ଦର୍ଶନ । ଏହା ପୂର୍ବରୁ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାପାଳ, ଏସ୍‌ପି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଅଛନ୍ତି । ଅଳଙ୍କାର ସ୍ଥାନାନ୍ତର ପାଇଁ କଣ ସୁ ବ୍ୟବସ୍ଥା ହେବ ସେନେଇ ବୈଠକରେ ଆଲୋଚନା ଚାଲିଛି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଅଳଙ୍କାର ସ୍ଥାନାନ୍ତର ହେବ । ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ଆସନ୍ତାକାଲି ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀଜୀଉଙ୍କର ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ନିଆଯିବ । ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ସ୍ଥାନାନ୍ତର କରାଯିବ । ଏଥିପାଇଁ ମଙ୍ଗଳବାର ଦିନ ସକାଳ ୧୦ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ହେବା ସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ଶୋଧ କରାଯିବ । ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଦର୍ଶନ ସ୍ୱାଭାବିକ ହେବ । ଶ୍ରୀମନ୍ଦିର ମୁଖ୍ୟ ଦେଉଳ ତଥା ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ । ତେବେ ମହାପ୍ରସାଦ ପାଇବାକୁ ଇଚ୍ଛୁକ ଭକ୍ତମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇ ପାରିବେ ।

# ଟ୍ୟାକ୍ସି ଡ୍ରାଇଭର ମୃତ୍ୟୁ ଘଟଣା : ୪ ଗିରଫ

ଭୁବନେଶ୍ୱର, ୨୨/୯ (ନି.ପ୍ର): ଭୁବନେଶ୍ୱରର ଚନ୍ଦକା ଜଙ୍ଗଲ ରାସ୍ତା କଡ଼ରୁ ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁଙ୍କ ମୃତଦେହ ମିଳିବା ଘଟଣାରେ ବଡ଼ ଅପଡେଟ୍ । ୪ ଜଣଙ୍କୁ ଗିରଫ କଲା ବଡଗଡ଼ ଥାନା ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ଏନ ଦିଲ୍ଲୀପ କୁମାର, ରମେଶ ଚନ୍ଦ୍ର ବେହେରା, କେ ରବୀନ୍ଦ୍ର ଏବଂ ଦୀପକ କୁମାର ସାହୁକା । ସମସ୍ତ ଅଭିଯୁକ୍ତଙ୍କ ଘର ଗଜପତି ଜିଲ୍ଲାରେ ବୋଲି ସୋମବାର ପୋଲିସ କମିଶନର ପ୍ରେସ୍‌ମିଟ୍ କରି ସୂଚନା ଦେଇଛନ୍ତି । ଅପହରଣ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ

▶▶ପୃଷ୍ଠା ୭

# କଳିଙ୍ଗାଘାଟିରେ ପୁଣି ଥରେ ଭୂସ୍ଖଳନ

କନ୍ଧମାଳ, ୨୨/୯ (ନି.ପ୍ର): କନ୍ଧମାଳ ଜିଲା ଜି. ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗାଘାଟିରେ ପୁଣି ଥରେ ଭୂସ୍ଖଳନ ହୋଇଛି । ଗତ ୧୬ ତାରିଖ ମଧ୍ୟାହ୍ନରେ ଭୂସ୍ଖଳନ ହୋଇଥିଲା । ସୋମବାର ପ୍ରବଳ ବାଦଲ ଫଟା ବର୍ଷାରେ ପୂର୍ବରୁ ଭୂସ୍ଖଳନ ହୋଇଥିବା ସ୍ଥାନ ମରାମତି ଚାଲିଥିବା ବେଳେ ତାହା ମଧ ଧୋଇଯାଇଛି । ସେହିପରି ପୂର୍ବରୁ ଭୂସ୍ଖଳନ ହୋଇଥିବା ସ୍ଥାନରୁ ଆଉ କିଛି ଦୂରରେ ପୁଣି ଏକ କଲଭର୍ଟ ତଳୁ ଧୋଇ ହୋଇଯିବାରୁ ତାହା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି । ଫଳରେ ମରାମତି କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଇଛି । ମରାମତି ପରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ପାଇଁ ଯେଉଁ ସମ୍ଭାବନା ଦେଖାଯାଇଥିଲା ତାହା ପୁଣି ଧୂଳିସାତ୍ ହୋଇଯାଇଛି । ମରାମତି କାର୍ଯ୍ୟରେ ନିୟୋଜିତ ମେଶିନ, ହାଇୱା ଆଉ ମରାମତି ପାଇଁ ସାମଗ୍ରୀ ନେଇ ଉକ୍ତ ସ୍ଥାନରେ ପହଂଚିବା ଏକ ପ୍ରକାର ଠପ୍ ହୋଇଯାଇଛି । ପୂର୍ବରୁ ହୋଇଥିବା ଭୂସ୍ଖଳନ ସ୍ଥାନରେ ପ୍ରବଳ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ପାହାଡ଼ରୁ ବଡ଼ ବଡ଼ ପଥର ଭାସି ଆସି ମରାମତି କାର୍ଯ୍ୟକୁ ପୁଣି ଥରେ ନଷ୍ଟ କରିଦେଇଛି ।

# ରୋଚକ ହେଉଛି ନୂଆପଡ଼ା ରାଜନୀତି: ଘୋଷଣା ହୋଇନି ଉପନିର୍ବାଚନ ତାରିଖ, ତିନି ଦଳର କସରତ ଆରମ୍ଭ



ଭୁବନେଶ୍ୱର, ୨୨/୯ (ନି.ପ୍ର): ନୂଆପଡ଼ାର ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଏକାଠି ହୋଇଛନ୍ତି ଶାସକ -ବିରୋଧୀ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ନୂଆପଡ଼ା ଯାଇ ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ସେପଟେ ଉପନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ଭିତିରିଆ କସରତ ଆରମ୍ଭ କରିଦେଇଛନ୍ତି । କଂଗ୍ରେସରୁ ଘାସିରାମ ମାଝୀ ପ୍ରାର୍ଥୀ ହେବା ନେଇ ପିସିସି ସଭାପତି ଇସାରା ଦେଇସାରିଛନ୍ତି । ହେଲେ ବିଜେଡି ଓ ବିଜେପିର ପ୍ରାର୍ଥୀ କିଏ ହେବେ ? ବିଜେଡି ଅନୁକମ୍ପା କାର୍ଡ ଖେଳିବ କି ? ଢୋଲକିଆଙ୍କ ପରିବାର ଉପରେ ବିଜେପିର ନଜର କି ? କାରଣ- ମୁଖ୍ୟମନ୍ତ୍ରୀ ଢୋଲକିଆଙ୍କ ପରିବାରକୁ ଭେଟିବା ପରେ ଏଭଳି ଚର୍ଚ୍ଚା ରାଜନୈତିକ ମହଲରେ ହେଉଛି । ଚର୍ଚ୍ଚା ହେଉଛି ବିହାର ବିଧାନସଭା ସହ ନୂଆପଡା ଉପନିର୍ବାଚନ ହୋଇପାରେ । ଏଥିପାଇଁ ନିର୍ବାଚନ କମିସନ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏପଟେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଦାୟିତ୍ୱ ନେଉଛନ୍ତି ବୋଲି କହି ନୂଆ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ମୋହନ ମାଝୀ କହିଛନ୍ତି, ନୂଆପଡ଼ା ଭୁବନେଶ୍ୱରରୁ ବହୁତ ଦୂରରେ ଥିଲେ ବି ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ରହିଛି । ତେଣୁ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ କରିବି । ଆଉ ଆଭାସୀ ମାଧ୍ୟମରେ ବିଜେଡି ସୁପ୍ରିମୋ କହିଥିଲେ, ଢୋଲକିଆ ବାବୁଙ୍କ ଅଧୁରା କାମକୁ ପୂରା କରିବାକୁ ବିଜେଡି ଓ ସେ ପ୍ରସ୍ତୁତ ଅଛନ୍ତି । ତେଣୁ ଏବେ ସମସ୍ତଙ୍କ ନଜର ରହିଛି ନୂଆପଡା ନିର୍ବାଚନ ତାରିଖକୁ । ଛୋଟ ନିର୍ବାଚନ ହେଲେ ବି ଏହା ୩ ଦଳ ପାଇଁ ଏସିଡ୍ ଟେଷ୍ଟ ହେବ ବୋଲି କୁହାଯାଉଛି ।

# ବିଜେଡିରେ ବଢୁଛି ବିଦ୍ରୋହର ବହ୍ନି: ଆକ୍ସନକୁ ଆଉ ଡରୁନାହାନ୍ତି ନେତା



ଭୁବନେଶ୍ୱର, ୨୨/୯ (ନି.ପ୍ର): ଓଡ଼ିଶାର ସବୁଠାରୁ ବଡ଼ ଆଞ୍ଚଳିକ ଦଳ ବିଜୁ ଜନତା ଦଳ ଏବେ ନିଜର ସ୍ଥିତି ରକ୍ଷା ପାଇଁ ଲଢ଼େଇ କରୁଥିବା ଦେଖିବାକୁ ମିଳୁଛି । ବିଦ୍ରୋହ ଓ ନେତୃତ୍ୱ ସଙ୍କଟରେ ୨୮ ବର୍ଷର ଏହି ଦଳ ଏକ ପ୍ରକାର ଆଉଟ୍‌ପୁଟ୍ ହେଉଛି । ଦୁର୍ବଳ ସ୍ୱାସ୍ଥ୍ୟ ସହିତ ଲଢୁଥିବା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରେ ତାଙ୍କର ଏକାନ୍ତ ଅନୁଗତ ତଥା କିଛି ଦିନ ପୂର୍ବେ ରାଜନୀତିରୁ ସନ୍ନ୍ୟାସ ନେବା ଘୋଷଣା କରିଥିବା ଭୈରବ କାର୍ତ୍ତିକେୟନ ପାଣ୍ଡିୟାନ ଏବେ ଦଳରେ ପୁଣି ସକ୍ରିୟ ହେବା ଦଳର ବହୁ ପୁରୁଣା ନେତାଙ୍କୁ ଏକ ପ୍ରକାର ଅଶ୍ୱସ୍ତିକର ପରିସ୍ଥିତିରେ ପକାଇଦେଇଛି । ସେମାନେ ଦଳ ଭିତରେ ଅଣନିଃଶ୍ୱାସୀ ଅନୁଭବ କରୁଥିବା ଅନେକ ସମୀକ୍ଷକ ମନେ କରୁଛନ୍ତି । ବିଜୁ ଜନତା ଦଳରେ କିଛି ଦିନ ହେବ ଯେଉଁଭଳି ଘଟଣାମାନ ଘଟି ଚାଲିଛି, ତାହାକୁ ଅନୁଧ୍ୟାନ କଲେ ଗୋଟିଏ କଥା ସାମ୍ନାକୁ ଆସୁଛି, ତାହା ହେଲା ନବୀନଙ୍କ ଠାରୁ ଓ ନବୀନ ନିବାସ ନିକଟରୁ ପୁରୁଣା ନେତାମାନେ ନିଜକୁ ଦୂରେଇ ରଖିବା । ଏହାର ମୁଖ୍ୟ କାରଣ ହେଲା ସେମାନଙ୍କୁ ନବୀନ ନିବାସ ଦାୟିତ୍ୱରେ ରହିଥିବା ନେତାମାନଙ୍କର ସେମିତି ଆଦରଯତ୍ନ

▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ୧୯୯ ସରକାରୀ ବାବୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୯ (ନି.ପ୍ର): ୧୫ ମାସରେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି ୧୯୯ ସରକାରୀ ବାବୁ। ୧୯୯ ଦୁର୍ନୀତି ଖୋର ବାବୁଙ୍କୁ ଧରିଲେଣି ନୂଆ ସରକାର। ଗତ ୧୫ ମାସରେ ୭୭ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରିଛି ଭିଜିଲାନ୍ସ। ଲାଞ୍ଚ ନେବା ଅଭିଯୋଗରେ ରୁଜୁ ହୋଇଛି ୧୨୨ଟି ମାମଲା। ମୋଟ ୨୦୨ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହୋଇଛି। ଗତ ୫ ବର୍ଷରେ ୩ ହଜାର ୬୭୧ଟି ଦୁର୍ନୀତି ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ୭୨୨ଟି ମାମଲା ତଦନ୍ତାଧୀନ ରହିଛି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉତ୍ତରରେ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୨୦୨୪ ଜୁଲାଇ ୧ ତାରିଖରୁ ଆଜି ପର୍ଯ୍ୟନ୍ତ ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ୭୭ ଜଣ ସରକାରୀ ଅଧିକାରୀଙ୍କ ଘରେ ଚଢ଼ାଉ ହୋଇଛି। ମୋଟ୍ ୨୦୨.୫୮ କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଜବତ କରିଛି ଭିଜିଲାନ୍ସ। ଉକ୍ତ ଆୟ ବହିର୍ଭୂତ ସମ୍ପତ୍ତି ମଧ୍ୟରେ ନଗଦ ରାଶି ୮.୩୮କୋଟି ଟଙ୍କା, ୨୧୮ ଗୋଟି ଫ୍ଲାଟ, ୭୭୫ ଗୋଟି ପ୍ଲଟ, ୧୬ ଟି ସୁନା ବିସ୍କୁଟ ସହିତ ମୋଟ ୨୫ କିଲୋ ୫୫୩ ଗ୍ରାମର ସୁନା ଅଳଙ୍କାର, ୧୩ ଗୋଟି ଫାର୍ମ ହାଉସ,

▶▶ପୃଷ୍ଠା ୭

# କଂଗ୍ରେସର ଅନାସ୍ଥାକୁ ବାଚସ୍ପତିଙ୍କ ନା': ସ୍ୱାଭାବିକ ହେଲା ଗୃହ, କକ୍ଷତ୍ୟାଗ କଲା କଂଗ୍ରେସ



ଭୁବନେଶ୍ୱର, ୨୨/୯ (ନି.ପ୍ର): ଗୋଟିଏ ମାସ ଧରି ଅନାସ୍ଥାକୁ ନେଇ ରଣନୀତି ପ୍ରସ୍ତୁତ କରିଥିଲା କଂଗ୍ରେସ। ହେଲେ ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ କଂଗ୍ରେସର ଅନାସ୍ଥା ନୋଟିସକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି। ହୋ-ହଲ୍ଲା ଓ ବାରମ୍ବାର ମୁଲତବିକୁ ନେଇ ଗୃହର ଅଚଳାବସ୍ଥା ଭିତରେ ଅନାସ୍ଥାର ଅବଧି ସରିଥିବାରୁ ଏହାକୁ ଗ୍ରହଣ କରିନାହାନ୍ତି ବାଚସ୍ପତି। ଅନ୍ୟପଟେ ଅନାସ୍ଥା ଅଗ୍ରାହ୍ୟକୁ ଷଡ଼ଯନ୍ତ୍ର କହି କକ୍ଷତ୍ୟାଗ କରିଛି କଂଗ୍ରେସ । ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଛନ୍ତି କଂଗ୍ରେସ ବିଧାୟକ। ନିୟମ ଅନୁସାରେ, ଅଧିବେଶନର ଦିନକ ପୂର୍ବରୁ ଅନାସ୍ଥା ନୋଟିସ୍ ଦିଆଯିବା କଥା । ହେଲେ କଂଗ୍ରେସ ଅଧିବେଶନ ଆରମ୍ଭ ପରେ ଆଣିଥିଲା ଅନାସ୍ଥା ପ୍ରସ୍ତାବ । ଚତୁର୍ଥ ଦିନ ଗୃହ ଆରମ୍ଭରୁ ପ୍ରବଳ ହଟ୍ଟଗୋଳ କରିଥିଲା ବିଜେଡି। ସାର ପ୍ରସଙ୍ଗକୁ ଛାଡ଼ି ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ହେବା ପ୍ରସଙ୍ଗକୁ ଅସ୍ତ୍ର କରି ଗୃହର ମଧ୍ୟଭାଗରେ ପ୍ଲାକାର୍ଡ ଧରି ହୋହଲ୍ଲା କରିଥିଲା । ବାଚସ୍ପତିଙ୍କ ବାରମ୍ବାର ଅନୁରୋଧକୁ ଶୁଣିନଥିଲେ ବିଜେଡି ସଦସ୍ୟ। ଫଳରେ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବି କରିଥିଲେ ବାଚସ୍ପତି। ତେବେ କଂଗ୍ରେସ ଏହାକୁ ସନ୍ଦେହ ଚକ୍ଷୁରେ ଦେଖିଥିଲା। ବିଜେପି-ବିଜେଡି ଭାଇ ଭାଇ, ବିଧାନସଭା ଚଳାଇ ଦିଅନ୍ତି ନାହିଁ ପୋଷ୍ଟର ଦେଖାଇ ନିଜ ଆସନରେ ଛିଡ଼ାହୋଇ ପ୍ରତିବାଦ କରିଥିଲା। ଅପରାହ୍ନରେ କଂଗ୍ରେସର ଅନାସ୍ଥା ପ୍ରସ୍ତାବ ଅଗ୍ରାହ୍ୟ ହେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଛି । ଗୃହକାର୍ଯ୍ୟ ସ୍ୱାଭାବିକ ହେବା ସହ ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଚାଲିଛି ।

# ତିନି ପର୍ଯ୍ୟାୟରେ ହୋଇପାରେ ବିହାର ବିଧାନସଭା ନିର୍ବାଚନ




ନୂଆଦିଲ୍ଲୀ,୨୨/୯ : ବିହାର ବିଧାନସଭା ନିର୍ବାଚନ ପାଇଁ ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ତାରିଖ ଘୋଷଣା ସମ୍ଭାବନା ଅଛି । ନଭେମ୍ବର ୨୨ରେ ଚଳିତ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ । ତା'ପୂର୍ବରୁ ନଭେମ୍ବର ୫ରୁ ୧୫ ତାରିଖ ମଧ୍ୟରେ ତିନି ପର୍ଯ୍ୟାୟରେ ନିର୍ବାଚନ ହୋଇପାରେ । ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପରେ ସେପ୍ଟେମ୍ବର ୩୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ଆସନ୍ତା ସପ୍ତାହରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ବିହାର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ବିହାର ବିଧାନସଭା ନିର୍ବାଚନ ପାଇଁ ଅବଗଣନା ଆରମ୍ଭ ହୋଇଯିବ । ଅକ୍ଟୋବର ୨ ଓ ୧୯ ମଧ୍ୟରେ ନିର୍ବାଚନ ତାରିଖ ଘୋଷଣା ସମ୍ଭାବନା ଅଛି । ଅକ୍ଟୋବର ୨୮ରେ ଛଟ୍ ପୂଜା ପରେ ନଭେମ୍ବର ମାସରେ ନିର୍ବାଚନ ହୋଇପାରେ । ନଭେମ୍ବର ୫ରୁ ୧୫ ମଧ୍ୟରେ ତିନି ପର୍ଯ୍ୟାୟରେ ଭୋଟଗ୍ରହଣ ସମ୍ଭାବନା ଅଛି । ଏଥିପାଇଁ ଉଭୟ ଏନଡିଏ ଏବଂ ଇଣ୍ଡିମେଣ୍ଟ ପ୍ରସ୍ତୁତ ଅଛନ୍ତି । ବିହାରରେ ମୁଖ୍ୟତଃ ଏନଡିଏ ଏବଂ ଇଣ୍ଡିମେଣ୍ଟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଉଭୟ ମେଣ୍ଟ ଜୋରଦାର ପ୍ରଚାର ଚଳାଇଛନ୍ତି । ଏହାଛଡ଼ା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ମଇଦାନକୁ ଓହ୍ଲାଇଲେ ନୂଆ ସମୀକରଣ ସୃଷ୍ଟି ହୋଇପାରେ । ସେପଟେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ଇଣ୍ଡିମେଣ୍ଟ ଓ ନିର୍ବାଚନ କମିସନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗିରହିଛି । ତେବେ ଚୂଡ଼ାନ୍ତ ଭୋଟର ତାଲିକାରେ ତ୍ରୁଟି ଦେଖିଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟ ଚରମବାଣୀ ଶୁଣାଇଛନ୍ତି ।

# ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

ବଲାଙ୍ଗିର,୨୨/୯(ନି.ପ୍ର) : ଆଜିଠାରୁ ବିଶେଷ ରୂପରେ ପୂଜା ପାଉଛନ୍ତି ମା । ପିତୃପକ୍ଷର ଶେଷ ଦିନ ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଶ୍ରାଦ୍ଧ ସହିତ ଆଜି ମାଙ୍କ ଧବଳ ମୁଖୀ ବେଶ। ବଲାଙ୍ଗିରରେ ସମଲେଶ୍ୱରୀ ଧବଳ ମୁଖୀ ବେଶରେ ପୂଜା ପାଉଛନ୍ତି। କୁସଂଗ ସ୍ଥିତ ମା କୁସଙ୍ଗେଇ ପୀଠରେ ମଧ ମା ଏହି ରୂପରେ ପୂଜା ପାଉଛନ୍ତି। ବର୍ଷର ସବୁଦିନ ମା ରକ୍ତ ବର୍ଣ୍ଣ ଲୋହିତ ବେଶ ହେଉଥିବା ବେଳେ ଆଜି ମାଙ୍କ ସବୁ ରଙ୍ଗ ଧବଳ ବେଶ। ମା ଶୁଭ୍ର ଧଳା ରଙ୍ଗ ପରିଧାନ କରିଥିବା ବେଳେ ମା ଶୁଭ୍ର ରଙ୍ଗରେ ଶୋଭା ପାଉଛନ୍ତି। ମାଙ୍କ ପୂଜାରେ ଧଳା ଫୁଲ, ଚନ୍ଦନ, ରସଗୋଲା ପ୍ରସାଦ ମଧ ଧଳା ଲାଗିଛି । ଆଜି ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ହୋଇଛି । ପବିତ୍ର ମହାଳୟା ଅବସରରେ ମା' ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଏହି ବେଶ ଅନୁଷ୍ଠିତ ହୋଇଥାଏ । ଆଜି ମହାଳୟା ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ଧବଳମୁଖୀ ବେଶ କରାଯାଇଛି। ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ଗଙ୍ଗା, ଗୟାରେ ସ୍ନାନ କରିବାର ନୀତି ନିୟମ ରହିଛି। ତେବେ ଯେଉଁମାନେ ଗଙ୍ଗା, ଗୟା ଯାଇପାରିନାହାନ୍ତି, ସେମାନେ ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ଦର୍ଶନ କରିଥାନ୍ତି । ମାଙ୍କ ଏହି ବେଶକୁ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଏକାଠି ହୋଇଛନ୍ତି। ଆଜି ସକାଳୁ ମନ୍ଦିର ଖୋଲିବା ମାତ୍ରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଦିନ ତମାମ ଭିଡ଼ ଥିବାବେଳେ ସାନ୍ଧ୍ୟ ଦର୍ଶନରେ ଭକ୍ତ ଉତ୍ସାହିତ ଥିଲେ।

# ଭଦ୍ରକ ଟ୍ରକ୍ ଓନର୍ସ ସିଣ୍ଡିକେଟ୍ ପକ୍ଷରୁ ରକ୍ତଦାନ ଶିବିର

ଭଦ୍ରକ,୨୨/୯(ନି.ପ୍ର) : ଭଦ୍ରକ ପୌରାଂଚଳ ଡାହାଣୀଗଡ଼ିଆ ସ୍ଥିତ 'ଭଦ୍ରକ ଟ୍ରକ ଓନର୍ସ ସିଣ୍ଡିକେଟ' ତରଫରୁ ମହତ୍ କାର୍ଯ୍ୟ 'ରକ୍ତଦାନ ଶିବିର' ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ରକ୍ତଦାତା ମାନଙ୍କ ନିଷ୍ଠା, ସାହସ ଓ ସେବାଭାବକୁ ସ୍ୱାଗତ କରି ସେମାନଙ୍କର ମନୋବଳକୁ ଦୃଢ଼ କରିବା ସହ ରକ୍ତଦାନ କେବଳ ଜୀବନ ବଂଚାଏ ନୁହେଁ, ଏହା ମାନବତାର ସତ୍ୟ ସେବା। ଏମିତି ସେବାକାର୍ଯ୍ୟରେ ସାମିଲ ସମସ୍ତ ରକ୍ତଦାତାଙ୍କ ପ୍ରତି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଣ୍ଡିକେଟ ର କର୍ମକର୍ତା ଓ ସଦସ୍ୟ ବୃନ୍ଦ ଏବଂ ଛାତ୍ର ନେତା କାମେଶ ବାରିକ ଉପସ୍ଥିତ ଥିଲେ।

# ପର୍ଯ୍ୟଟନ ଦିବସ ପାଇଁ କୁଇଜ୍ ପ୍ରତିଯୋଗିତା

ପୁରୀ,୨୨/୯(ନି.ପ୍ର) : ବିଶ୍ୱ ପର୍ଯ୍ୟଟନ ଦିବସ ଚଳିତ ମାସ ୨୭ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଗତକାଲି ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ପର୍ଯ୍ୟଟନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ସ୍ମୃତି ପ୍ରଜ୍ଞା ରାଜେଶ୍ୱରୀ ପ୍ରଥମ, ପିପିଲି କଲେଜର ମିଲିନା ସାହୁ ଦ୍ୱିତୀୟ ଓ ସୂରୁଜ ମଲ ଶାହା କଲେଜର ବିଶ୍ୱ ଭୂଷଣ ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହାବିଦ୍ୟାଳୟ କୁଇଜରେ ଆଇଏମଟି ଫାର୍ମାସି କଲେଜର ଛାତ୍ର ଦୂର୍ଗା ମାଧବ ମହାନ୍ତି ପ୍ରଥମ, ଏସସିଏସ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶାନ୍ତି ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ନିମାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ପାଣ୍ଡିଆ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି କୃତି ପ୍ରତିଯୋଗୀ ମାନଙ୍କୁ ଚଳିତ ମାସ ୨୭ ତାରିଖ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପରିଚାଳନା କରାଯାଇଥିଲା ବେଳେ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ପର୍ଯ୍ୟଟନ କର୍ମଚାରୀ ସନ୍ତୋଷ କୁମାର ମହାନ୍ତି, ମଳୟା ପ୍ରଧାନ, ଅମୃତା ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଛତିଶଗଡ଼ରେ ଅବକାରୀ ଓ କୋଇଲା ଦୁର୍ନୀତି ମାମଲାରେ ଏସିବି ଏବଂ ଇଓଡବ୍ଲ୍ୟୁର ଚଢ଼ଉ

ରାୟପୁର,୨୨/୯(ନି.ପ୍ର) : ବହୁ ଚର୍ଚ୍ଚିତ ଛତିଶଗଡ଼ର କୋଇଲା ଏବଂ ମଦ ଦୁର୍ନୀତି ସମ୍ପର୍କରେ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ଏବଂ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ର ଏକ ମିଳିତ ଦଳ ରବିବାର ରାୟପୁର ଏବଂ ଅକଲତରାରେ ଚଢଉ କରିଛନ୍ତି। ଏହି ସମୟରେ, ମଦ ଦୁର୍ନୀତି ମାମଲାରେ ଇଓଡବ୍ଲୁ ଟିମ୍ ରାୟପୁର, ବିଳାସପୁର ଏବଂ ଦୁର୍ଗରେ ଚଢ଼ଉ କରିଛନ୍ତି। ସୂଚନା ଅନୁସାରେ, ଇଓଡବ୍ଲୁ ଦଳ ରାୟପୁରର ଶିବ ବିହାର କଲୋନୀ ସ୍ଥିତ ଅବଧେଶ ଯାଦବଙ୍କ ଘରେ ପହଂଚିଛି। ଅବଧେଶ ମଦ ବ୍ୟବସାୟ ସହିତ ଜଡ଼ିତ ଅଛନ୍ତି। ଏହି ଟିମ୍ ବ୍ୟବସାୟୀଙ୍କ ଦୁଇଟି ସ୍ଥାନରେ ତଦନ୍ତ କରୁଛି। ଏସିବି ଏବଂ ଇଓଡବ୍ଲୁ ଅଧିକାରୀମାନେ କାଗଜପତ୍ର ଯାଂଚ୍ କରୁଛନ୍ତି।

# ଐତିହାସିକ ପାଟଣାଗଡ ବଏଲ ଯାତ୍ରା ପାଇଁ ମାଁ ପାଟଣେଶ୍ୱରୀ ମନ୍ଦିରରେ ଲାଗିଲା ନୂତନ ଘଂଟି

ବଲାଙ୍ଗିର,୨୨/୯(ନି.ପ୍ର) : ପାଟଣାଗଡ ଐତିହାସିକ ପୀଠ ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ମୁଖ୍ୟ ପୀଠରେ ରବିବାର ଦିନ ଅଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ମହାଳୟା ଦିନ ପ୍ରସିଦ୍ଧ ବଏଲ ଯାତ୍ରା ଓ ଦଶହରା ପର୍ବ ଲାଗି ପୀଠରେ ବଲାଙ୍ଗିରର ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିରର ମାଁ ପାଟଣେଶ୍ୱରୀ ପୀଠ ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣାଗଡର ଦେବୋତ୍ତର ବିଭାଗ ତଥା ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କୁ ବିରଳ ନୂତନ ଘଂଟି ହସ୍ତାନ୍ତର ପରେ ଦେବୋତ୍ତର ବିଭାଗର ମ୍ୟାନେଜର ଓ ତହସିଲଦାରଙ୍କ ଉପସ୍ଥିତିରେ ପୀଠରେ ଲାଗିଲା ନୂତନ ଘଂଟି । ପୂଜାର୍ଚ୍ଚନା, ଘଂଟବାଦ୍ୟ ସହ ପାଟଣେଶ୍ୱରୀ ଦେବୀଙ୍କ ଢୋଲ, ନିଶାନ, ତାସାରେ ବାଦ୍ୟରେ ପୀଠରେ ଲଗାଗଲା ନୂତନ ଘଂଟି । ଏହି ଅବସରରେ ପୂଜକ ରାଘବେନ୍ଦ୍ର ସିଂହଦେଓ, ଧର୍ମରାଜ ସିଂଦେଓ, ଜଳନ୍ତ ସିଂଦେଓ, ଭଗବାନ ସିଂଦେଓ, ପୃଥ୍ୱୀରାଜ ସିଂଦେଓ ପୂଜାର୍ଚ୍ଚନା କରି ମାଁ ଙ୍କୁ ଗୁହାରି କରିଥିଲେ ଓ ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ଉପ-ସଭାପତି ପ୍ରଶାନ୍ତ ମହାକୁର, ପାଟଣାଗଡର ଆଇନଜିବ ରାଣା ପ୍ରଧାନ, ଜୟରାମ ମିଶ୍ର, ଅରୁଣ କୁମାର ମିଶ୍ର, ସୁରେନ୍ଦ୍ର ନେଗୀ, ଶମ୍ଭୁ ଶତପଥୀ, ଭବାନୀ ଭୋଇ, ବିଘ୍ନରାଜ ଧଳ, ଅଚ୍ୟୁତ ସ୍ୱାଇ, ବିନୁ ଦେବ, ରୋହିତ ମେହେର ଉପସ୍ଥିତ ଥିଲେ, ପାଟଣେଶ୍ୱରୀ ସେନା ଓ ପାଟଣାଗଡର ବିଭିନ୍ନ କମିଟିର ସଦସ୍ୟ ଉପସ୍ଥିତ ଥିଲେ ।

# ଇ-ଗଭର୍ଣ୍ଣାନ୍ସ ପ୍ରଣୟନରେ ଉତ୍କର୍ଷତା ଲାଗି କେନ୍ଦୁଝର ଶୁଆକାଟୀ ପଂଚାୟତର ଜାତୀୟ ଜୁରି ପୁରସ୍କାର ହାସଲ

କେନ୍ଦୁଝର,୨୨/୯(ନି.ପ୍ର) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଶୁଆକାଟୀ ଗ୍ରାମ ପଂଚାୟତ ୨୨ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର (ଘଇରଏ) ୨୦୨୫ରେ ଏକ ମର୍ଯ୍ୟାଦାଜନକ ଜୁରି ପୁରସ୍କାର ଜିତି ଓଡ଼ିଶା ଏବଂ କେନ୍ଦୁଝର ପାଇଁ ସୁନାମ ଆଣି ଦେଇଛି। ଆଜି ବିଶାଖାପାଟଣାରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ୨୮ତମ ଜାତୀୟ ଇ-ଗଭର୍ଣ୍ଣାଂଶ ସମ୍ମିଳନୀରେ ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରଂଜିତ ପ୍ରତାପ ବଳ ଓ ଶୁଆକାଟୀ ସରପଂଚ କୌତୁକ ନାଏକ ମାନ୍ୟବର କେନ୍ଦ୍ରମନ୍ତ୍ରୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା,କାର୍ମିକ, ସାଧାରଣ ଅଭିଯୋଗ ବିଭାଗ ଜିତେନ୍ଦ୍ର ସିଂହଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଚଳିତ ବର୍ଷ ପ୍ରଥମଥର ପାଇଁ ଗ୍ରାମ ପଂଚାୟତ ଲାଗି ଉଦ୍ଦିଷ୍ଟ ବର୍ଗରେ ଏହା ଦେଶର ଅନ୍ୟ ତିନୋଟି ସ୍ଥାନୀୟ ସଂସ୍ଥା ମଧ୍ୟରେ ସ୍ଥାନ ପାଇ ଏକ ବିରଳ ସଫଳତା ହାସଲ କରିପାରିଛି। ଏହି ସମ୍ମାନ ତୃଣମୂଳ ସ୍ତରରେ ଲୋକଙ୍କୁ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିଥିବା ପଦକ୍ଷେପ ଗୁଡ଼ିକକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ ଅଟେ।
ଦେଶର ସରକାରୀ ଏଜେନ୍ସି ଏବଂ ପ୍ରତିଷ୍ଠାନ ଗୁଡ଼ିକରେ ଡିଜିଟାଲ୍ ଶାସନରେ ଉତ୍କର୍ଷତାକୁ ସ୍ୱୀକୃତି ଏବଂ ପ୍ରୋତ୍ସାହିତ କରିବା ପାଇଁ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ୍ ମନ୍ତ୍ରଣାଳୟ ଦ୍ୱାରା ଇ-ଗଭର୍ଣ୍ଣାନ୍ସ ପାଇଁ ବାର୍ଷିକ ଜାତୀୟ ପୁରସ୍କାର ଅନୁଷ୍ଠିତ ହୋଇଥାଏ। କୃତ୍ରିମ ବୁଦ୍ଧିମତା ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନବସୃଜନ, ସାଇବର ସୁରକ୍ଷା ଅଭ୍ୟାସ, ଡାଟା ବିଶ୍ଳେଷଣ ମାଧ୍ୟମରେ ଡିଜିଟାଲ୍ ପରିବର୍ତ୍ତନ ଏବଂ ରାଜ୍ୟ କିମ୍ବା ଜିଲ୍ଲା ସ୍ତରରେ ସଫଳ ଜାତୀୟ ପ୍ରକଳ୍ପଗୁଡ଼ିକର ପ୍ରତିକୃତି ସମେତ ଛଅଟି ବର୍ଗରେ ମୋଟ ୧୦ଟି ସ୍ୱର୍ଣ୍ଣ ଏବଂ ୬ଟି ରୌପ୍ୟ ପୁରସ୍କାର ଘୋଷଣା କରାଯାଇଥିଲା।
ଇ-ଗଭର୍ଣ୍ଣାନ୍ସରେ ଭାରତର ପ୍ରଗତିକୁ ପାଳନ କରିବା ଏବଂ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା କରିବା ପାଇଁ ସାରା ଦେଶରୁ ଡିଜିଟାଲ୍ ଅଗ୍ରଣୀଙ୍କ ଏକ ସମାବେଶ ୨୮ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମିଳନୀରେ ଆୟୋଜିତ ହେଉଛି ଯାହା ଆସନ୍ତାକାଲି ଉଦଯାପିତ ହେବ। ସୂଚନାଯୋଗ୍ୟ ଶୁଆକାଟୀ ଗ୍ରାମ ପଂଚାୟତ ଓଡ଼ିଶା ୱାନ ଏବଂ ସେବା ଓଡ଼ିଶା ପ୍ଲାଟଫର୍ମ ମାଧ୍ୟମରେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ଡିଜିଟାଇଜ କରିଛି, ଯାହା ୨୪ ଘଣ୍ଟିଆ ନାଗରିକଙ୍କୁ ଉପଲବ୍ଧତା ପ୍ରଦାନ କରୁଛି। ମହିଳା ନେତୃତ୍ୱ ଏବଂ ଅନ୍ତର୍ଭୁକ୍ତ ସେବା ପ୍ରଦାନକୁ ସୁନିର୍ଶ୍ଚିତ କରି ପ୍ରଯୁକ୍ତିବିଦ୍ୟାର ଉପଯୁକ୍ତ ବ୍ୟବହାର ଦ୍ୱାରା ନାଗରିକ ସେବାରେ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିପାରିଛି।
ଜିଲ୍ଲାରେ ଇ-ଗଭର୍ଣ୍ଣାନ୍ସକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରି ଜିଲ୍ଲାପାଳ, କେନ୍ଦୁଝର ଶ୍ରୀ ବିଶାଳ ସିଂହ କହିଛନ୍ତି - "ଶୁଆକାଟୀ ଗ୍ରାମପଂଚାୟତ ଜାତୀୟ ସ୍ତରରେ ପୁରସ୍କୃତ ହେବା କେନ୍ଦୁଝର ଜିଲ୍ଲା ପାଇଁ ଏକ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ। ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାରରେ ଶୁଆକାଟୀ ଗ୍ରାମ ପଂଚାୟତକୁ ସ୍ୱତନ୍ତ୍ର ଜୁରି ପୁରସ୍କାର ମିଳିବା ତୃଣମୂଳ ସ୍ତରରେ ମଧ୍ୟ ପ୍ରଯୁକ୍ତିର ପରିବର୍ତ୍ତନକାରୀ ଶକ୍ତିର ପ୍ରମାଣ। ଏହି ମାନ୍ୟତା ନବସୃଜନ ଏବଂ ଦୃଢ଼ ସମର୍ପଣଭାବ ଦ୍ୱାରା ପ୍ରଭାବଶାଳୀ ଶାସନ ପ୍ରକୃତରେ ଗ୍ରାମୀଣ ସମ୍ପ୍ରଦାୟକୁ ଉନ୍ନତ କରିପାରିବ ବୋଲି ଥିବା ଆମର ବିଶ୍ୱାସକୁ ଦୃଢ଼ କରୁଛି। ମୁଁ ଶୁଆକାଟୀ ପଂଚାୟତର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଉନ୍ନତ ଦୃଷ୍ଟିକୋଣ, ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଉଛି। ଏହି ସଫଳତା ନିଶ୍ଚିତ ଭାବରେ ଜିଲ୍ଲା ଏବଂ ବାହାରେ ଥିବା ଅନ୍ୟ ପଂଚାୟତଗୁଡ଼ିକୁ ଉନ୍ନତ ସେବା ପ୍ରଦାନ ପାଇଁ ଡିଜିଟାଲ୍ ମାଧ୍ୟମକୁ ଗ୍ରହଣ କରିବାକୁ ପ୍ରେରଣା ଦେବ।"
ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ଆଉ ଦୁଇ ପାଦ ଆଗକୁ ନେବା ଦିଗରେ, ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ କାର୍ଯ୍ୟ ଓଏସଡବ୍ଲୁଏଏସ (ଓଡିଶା ରାଜ୍ୟ କାର୍ଯ୍ୟପ୍ରବାହ ସ୍ୱୟଂଚାଳିତ ବ୍ୟବସ୍ଥା) ମାଧ୍ୟମରେ କରାଯାଉଛି।

# କୋଇଲା ଓ ମଦ ଘୋଟାଲା ମାମଲାରେ ୧୦ଟି ଠିକଣାରେ ଇଓଡବ୍ଲ୍ୟୁ ରେଡ୍

ରାୟପୁର,୨୨/୯(ନି.ପ୍ର) : ଛତିଶଗଡ଼ର କୋଇଲା ଓ ମଦ ଘୋଟାଲା ମାମଲାରେ ଆର୍ଥିକ ଅପରାଧ ବିଭାଗ ଦଳ ରବିବାର ଦିନ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରାଜଧାନୀ ରାୟପୁର, ବିଳାସପୁର ଓ ଦୁର୍ଗରେ ଅନେକ ମଦ ବ୍ୟବସାୟୀଙ୍କ ଘରେ ରେଡ୍ କରିଛି । ପୂରା ରାଜ୍ୟରେ ୧୦ଟି ସ୍ଥାନରେ ଇଡବ୍ଲୁଓ ରେଡ୍ କରିଛି। ମଦ ଘୋଟାଲା ସନ୍ଦର୍ଭରେ ଏହି ରେଡ୍ କରାଯାଇଛି। ରାୟପୁର, ବିଳାସପୁର ଓ ଦୁର୍ଗରେ ମଦ ବ୍ୟବସାୟୀଙ୍କ ଘରେ ରେଡ୍ କରାଯାଇଛି। ରାଜଧାନୀ ରାୟପୁରରେ ୩-୪ ଟି ସ୍ଥାନରେ ରେଡ୍ କରାଯାଇଛି । ରାୟପୁର ଅଂଚଳରେ ଥିବା ଶିବ ବିହାର କଲୋନୀରେ ସ୍ଥିତ ମଦ ବ୍ୟବସାୟୀ ଅବଧେଶ ଯାଦବଙ୍କ ଘରେ ମଧ ଇଓଡବ୍ଲୁ ଦଳ ପହଂଚିଥିଲେ ଓ ସେଠାରେ କାଗଜ ପତ୍ର ଯାଂଚ କରୁଛନ୍ତି। ଏହିପରି ଭାବେ ଦୁର୍ଗ ଓ ବିଳାସପୁରରେ ମଧ ଦଳ ରେଡ୍ କରି ତଦନ୍ତ କରୁଛି। ଜାଞ୍ଜଗୀର-ଚାଂପା ଜିଲ୍ଲାର ଅକଲତରାରେ ଇଓଡବ୍ଲୁର ୧୨ ସଦସ୍ୟ ଦଳ ଖଣିଜ ଅଧିକାରୀଙ୍କ ପୁଅଙ୍କ ଠିକଣାରେ ରେଡ୍ କରିଛନ୍ତି ।

# ୨୮ରୁ ୨୬ ତମ ରାଜ୍ୟସ୍ତରୀୟ ଧନୁର୍ବିଦ୍ୟା ଚାମ୍ପିଅନସିପ

ସମ୍ବଲପୁର,୨୨/୯(ନି.ପ୍ର) : ସମ୍ବଲପୁର ଜିଲ୍ଲା କୁଯୋମୁରା ଠାରେ ଆଚେରୀ ସଂଘର ଜିଲ୍ଲା ସଭାପତି କିଶୋର କୁମାର ଦେହୁରୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ରାଜେଶ ଏକ୍କାଙ୍କ ସହିତ, ଉପସଭାପତି ଅଶ୍ୱିନୀ କୁମୁରା,ମିତ୍ରଭାନୁ ମହାପାତ୍ର, ପ୍ରମୁଖ ଯୋଗଦେଇ ଆଗାମୀ ୨୮ ତାରିଖରୁ ୨୬ ତମ ରାଜ୍ୟସ୍ତରୀୟ ଧନୁର୍ବିଦ୍ୟା ଚାମ୍ପିଅନସିପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ କିଭଳି ସଫଳତା ଆସିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ପ୍ରତିଯୋଗୀଙ୍କ ଗସ୍ତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ଉପରେ ଆଲୋଚନା କରାଯାଇଥିଲା ।ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଅକ୍ଟୋବର ୧ ତାରିଖରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ଆର୍ଚେରି ଏସୋସିଏସନ୍ (ଓଆ) ପକ୍ଷରୁ ଏହା ଆୟୋଜନ ହେଉଥିବା ବେଳେ ରାଜ୍ୟ କୋଚମାନଙ୍କ ତାଲିକାରୁ ବିଚାରକ ଓ ଅଧିକାରୀମାନଙ୍କର ଏକ ପ୍ୟାନେଲ୍ କରାଯାଇ, ଚ୍ୟାମ୍ପିଅନସିପ୍ ରେ ବିଭିନ୍ନ ଦାୟିତ୍ୱ ପାଳନ କରିବାକୁ ଚୟନ କରାଯାଇଛି। ଖେଳର ଆଦର୍ଶକୁ ରକ୍ଷା କରିବାରେ କୁଯୋମୁରାର ଅମୂଲ୍ୟ ଭୂମିକା ରହିଥିବାରୁ ଓ କୁଯୋମୁରା ଏହି ରାଜ୍ୟସ୍ତରୀୟ ବୈଠକରେ ଯୋଗଦେବାକୁ ଯାଉଥିବାରୁ ଧନୁର୍ବିଦ୍ୟାରେ କୁଯୋମୁରାର ସଫଳତାକୁ ବଜାୟ ରଖିବାକୁ ବିଡ଼ିଓ ଆର୍ଥିକ ସହଯୋଗ ପାଇଁ ପ୍ରଶାସନ ସହିତ ଆଲୋଚନା କରି ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିବା ଖବର ମିଳିଛି।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ନମୋ ଯୁବା ରନ୍ ଫର୍ ନଶା ମୁକ୍ତ ଭାରତ

କନ୍ଧମାଳ,୨୨/୯(ନି.ପ୍ର) : ଆଜି ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ମାରାଥନ (ନମୋ ଯୁବା ରନ୍ ଫର୍ ନଶା ମୁକ୍ତ ଭାରତ) ଆୟୋଜିତ ହୋଇଯାଇଛି । ଏହାର ଉଦ୍ଦେଶ୍ୟ ଥିଲା ସେବା, ସମର୍ପଣ ଓ ସଂବାଦ। ଏହା ସ୍ଥାନୀୟ କୋରୋନେସନ ଗ୍ରାଉଣ୍ଡରୁ ବାହାରି ମାଦିକୁନ୍ଦା ଛକ ଏବଂ ମାଦିକୁନ୍ଦା ଛକରୁ ଆସି କୋରୋନେସନ ଗ୍ରାଉଣ୍ଡରେ ଶେଷ ହୋଇଥିଲା । ଏହି ମାରଥନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଅବକାରୀ ଅଧିକ୍ଷକ ଶ୍ରୀ ସୁଶାନ୍ତ କୁମାର ପାଢି, ମାନ୍ୟବର ବିଧାୟକ, ଫୁଲବଣୀଙ୍କ ପ୍ରତିନିଧି ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସମୀର କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ, ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀଙ୍କ ପାଖାପାଖି ସାତ ଶହ ଜଣ ପ୍ରତିଯୋଗୀ ସମସ୍ତ ବିଦ୍ୟାଳୟର ପି.ଇ.ଟି. ଓ ଅନ୍ୟାନ୍ୟ ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ ।

# ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ: ସ୍ଥାନୀୟ ଅଂଚଳରେ ଶୋକର ଛାୟା

କୋରେଇ,୨୨/୯(ନି.ପ୍ର) : କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ବର୍ତମଣା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୋଖରୀରେ ବୁଡି ଆଜି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ପ୍ରକାଶଯେ ବର୍ତମଣା ଗ୍ରାମର ନାରାୟଣ ମୁଦୁଲି (୭୩) ଆଜି ସକାଳେ ବର୍ତମଣା ପଦ୍ମପୋଖରୀ ବୁଡି ମୃତ୍ୟୁ ବରଣ କରିଛନ୍ତି । ଗତ କରୋନା ସମୟରେ ନାରାୟଣଙ୍କ ଏକ ମାତ୍ର ପୁତ୍ର ନରେନ୍ଦ୍ର କରୋନାରେ ପିଡିତ ହୋଇ ମୃତ୍ୟୁ ବରଣ କରିଥିଲେ। ନରେନ୍ଦ୍ରଙ୍କ ଦୁଇ ପୁତ୍ରର ଏକମାତ୍ର ଭରଷା ସାଜିଥିଲେ ନାରାୟଣ । ଘରେ ଜଣେ ଭଉଣୀ ବିବାହ ନକରି ଟିଉସନ କରି ପରିବାରର ଭାର ସମ୍ଭାଳିଥିଲେ । ହେଲେ ଦୁଃଖ ପରେ ଦୁଃଖ ଘୋଟି ଆସିଲା ପରିବାର ଉପରେ । ଆଜି ସକାଳେ ଶୌଚ ହେବାକୁ ଯାଇ ପୋଖରୀର ଗଭୀର ଜଳରେ ବୁଡି ଯାଇଥିଲେ ନାରାୟଣ । ସ୍ଥାନୀୟ ଲୋକମାନେ ଏହା ଦେଖି ତାଙ୍କୁ ପାଣିରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ହେଲେ ଡାକ୍ତର ତାକୁ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଏକ ଅପମୃତ୍ୟୁ ମାମଲା ୩୪/୨୫ ରୁଜୁ ହୋଇଥିଲା । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ପଂଚାନାମା କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲା । ପରେ ଶବ ଗ୍ରାମରେ ପହଂଚିବା ପରେ ଏକ ଶୋକାକୂଳ ପରିବେଶରେ ଗ୍ରାମ ଶସ୍ମାସନରେ ଶେଷକୃତ ସମ୍ପନ୍ନ ହୋଇଥିଲା । ଶେଷରେ ନାତି ପ୍ରିୟାଂଶୁ ମୁଦୁଲି ମୁଖାଗ୍ନୀ ଦେଇଥିଲେ ।

# ମହାଳୟାରେ ଦୁର୍ଗା ମନ୍ଦିରରେ ମା'ଙ୍କ ଧବଳମୁଖୀ ବେଶ

ବଲାଙ୍ଗୀର,୨୨/୯(ନି.ପ୍ର) : ବଲାଙ୍ଗୀର ନୂଆବନ୍ଧ ଆଡିରେ ଥିବା ଦୁର୍ଗା ମନ୍ଦିରରେ ଆଜି ମହାଳୟାରେ ମାଙ୍କ ଧବଳ ମୁଖୀ ବେଶରେ ମା ଦର୍ଶନ ଦେଇଛନ୍ତି। ଆଜି ମା'ଙ୍କ ଦର୍ଶନ ପାଇଁ ସକାଳ ପ୍ରହରୁ ଭକ୍ତଙ୍କ ପ୍ରବଳ ଗହଳି ହୋଇଚି। ଆଜି ଏହି ଉପଲକ୍ଷେ ବିଶେଷ ପୂଜା ଅନୁଷ୍ଠିତ ହୋଯାଇଅଛି। ଆଜି ମହାଳୟା ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ଧବଳମୁଖୀ ବେଶ କରାଯାଇଛି। ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ଗଙ୍ଗା, ଗୟାରେ ସ୍ନାନ କରିବାର ନୀତି ନିୟମ ରହିଛି। ତେବେ ଯେଉଁମାନେ ଗଙ୍ଗା, ଗୟା ଯାଇପାରି ନାହାନ୍ତି, ସେମାନେ ପିତୃପୁରୁଷ ପିଣ୍ଡଦାନ ପରେ ମାଙ୍କ ଧବଳମୁଖୀ ବେଶ ଦର୍ଶନ କରିଥାନ୍ତି ଓ ମାଙ୍କୁ ଦର୍ଶନ ମାତ୍ରକେ ସମାନ ଫଳ ମିଳିବା ବିଶ୍ୱାସ ରହିଛି। ଶାରଦୀୟ ନବଦିନାତ୍ମକ ବିଶେଷ ପୂଜା ଆସନ୍ତା କାଲି ଠାରୁ ଆରମ୍ଭ ହୋଇ ଚଣ୍ଡୀ ପାଠ ଓ ଯଜ୍ଞ ନୁଷ୍ଟନ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି।

# ଡାକ୍ତରଖାନାରୁ ପ୍ରସୂତୀ ମହିଳା ଚଂପଟ

ଧର୍ମଶାଳା,୨୨/୯(ନି.ପ୍ର) : ଯାଜପୁର ଜିଲା ଧର୍ମଶାଳା ଡାକ୍ତରଖାନାରେ ଛୁଆ ଜନ୍ମ କରିଥିବା ଜଣେ ମହିଳା ଡାକ୍ତରଙ୍କ ଅଗୋଚରରେ ଜେନାପୁର ଚଂପଟ ମାରିଥିବା ଅଭିଯୋଗ ହୋଇଛି । ଘଟଣା ସଂପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷ ଧର୍ମଶାଳା ଥାନାରେ ଲିଖିତ ଭାବେ ଜଣାଇବା ପରେ ପୁଲିସ୍ ଘଟଣାର ତଦନ୍ତ ଚଳାଇଥିଲା । ସୂଚନା ଅନୁଯାୟୀ ଜେନାପୁର ଥାନା ଅନ୍ତର୍ଗତ ମହିଶରା ଗ୍ରାମର ଜଣେ ବିଧବା ଗର୍ଭବତୀ ମହିଳା ପ୍ରସୂତୀ ଲାଗି ଧର୍ମଶାଳା ଡାକ୍ତରଖାନାରେ ଭର୍ତୀ କରାଯାଇଥିଲା । ଉକ୍ତ ମହିଳାଙ୍କ ସ୍ୱାମୀ ୩ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିବା ବେଳେ ବିଧବା ମହିଳାଙ୍କ ପୂର୍ବରୁ ୩ଟି ପିଲା ରହିଛନ୍ତି । କିଛିଦିନ ହେଲା ସେ ପିଲାମାନଙ୍କୁ ଶାଶୁ ଘରେ ଛାଡ଼ି ବାପାଙ୍କ ଘରେ ରହୁଥିଲେ। ତେବେ ଗତ ୧୮ତାରିଖରେ ଗର୍ଭଯନ୍ତ୍ରଣା ହେବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ତାଙ୍କ ସାଙ୍ଗରେ କେବଳ ଜଣେ ଛୋଟ ଝିଅ ଆସିଥିଲା । ଶୁକ୍ରବର ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ମା' ଓ ପିଲାର ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା । ଆଜି ସକାଳୁ ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥାନ୍ତେ। ମାତ୍ର ଏହା ପୂର୍ବରୁ ସେ ଶିଶୁପୁତ୍ରକୁ ନେଇ ଡାକ୍ତରଖାନାରୁ ମାରିଥିବା ଜଣାପଡିଛି । ତେବେ ମହିଳା ଜଣକ ଲୋକଲଜ୍ୟା ଭୟରେ ଡିସଚାର୍ଜ ପୁର୍ବରୁ ସେ ଡାକ୍ତରଖାନାରୁ ଖସିଯିବାରେ ସକ୍ଷମ ହୋଇଛନ୍ତି । ଅନ୍ୟପଟେ ଏନେଇ ତା ଶାଶୁଘର ଲୋକ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି ॥

# ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଉଦବୋଧନୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି,୨୨/୯(ନି.ପ୍ର) : ପଡ଼ିଆବ୍ଲକ୍ ସଦର ମହକୁମାସ୍ଥିତ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାଗୃହ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଯୁବଶାଖା ଆନୁକୁଲ୍ୟରେ ସ୍ୱାମୀ ବିବେକାନନ୍ଦ ଓ ଚିକାଗୋ ଧର୍ମ ସମ୍ମିଳନୀ ଶୀର୍ଷକ ମହାବିଦ୍ୟାଳୟ ସ୍ତରୀୟ ଦ୍ୱିତୀୟ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଜିଲ୍ଲା ଶାଖା ସଭାପତି ଡଃ ରଞ୍ଜନ କୁମାରସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ବଂଶୀଧର ବୈରଓ୍ୱା, ସହକାରୀ କମାଣ୍ଡାଂଟ, ସୀମା ସୁରକ୍ଷା ବଳ, ପଡ଼ିଆ, ମୁଖ୍ୟବକ୍ତା ଡଃ ପରମାନନ୍ଦ ମହାପାତ୍ର, ଅଧ୍ୟକ୍ଷ, ପଡ଼ିଆ ମହାବିଦ୍ୟାଳୟ, ସମ୍ମାନୀତ ଅତିଥି ଭାବେ ଶ୍ୟାମସୁନ୍ଦର, ଇନିସ୍‌ପେକ୍ଟର, ଦୁର୍ଗା ଶାମ ଝାକର, ବି.ଏସ.ଏଫ୍ , ପଡ଼ିଆ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଓ ମଂଚାସୀନ ଅତିଥିଗଣ ସ୍ୱାମୀଜୀଙ୍କ ଆଦର୍ଶ, ଚିକାଗୋ ଧର୍ମ ସମ୍ମିଳନୀ ବକ୍ତୃତାର ମହତ୍ୱ ଓ ବାଣୀ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଶୃଙ୍ଖଳା, ଧୈର୍ଯ୍ୟ ଓ ଅଧ୍ୟବସାୟ ଦ୍ୱାରା ଯେ କୌଣସି କାର୍ଯ୍ୟକୁ ସମ୍ଭବ କରାଯାଇପାରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ସ୍ୱାମୀଜୀଙ୍କ ତୈଳଚିତ୍ରରେ ଅତିଥିମାନଙ୍କଦ୍ୱାରା ଶ୍ରଦ୍ଧାସୁମନ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ର ଦୀପେନ୍ଦ୍ର ଦୁରୁଆ ସ୍ୱଦେଶ ମନ୍ତ୍ରପାଠ କରିଥିବାବେଳେ ସ୍ୱାମୀ ବିବେକାନନ୍ଦ ଲୋକସଂସଦର ବିଚାରଧାରା ପ୍ରମୁଖ ପ୍ରଶାନ୍ତ ପରିଡ଼ା ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଂଚାସୀନ ଅତିଥି ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦୁଇ ମିନିଟ ସମବେତ ଧ୍ୟାନ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟରେ ଲୋକସଂସଦର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିବାପରେ ସମବେତ ଭାବେ ରାଷ୍ଟ୍ରଗୀତ ବନ୍ଦେ ମାତରଂ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଲୋକସଂସଦ ଜିଲ୍ଲା ଶାଖାର ଆଜୀବନ ସଦସ୍ୟ ନବକିଶୋର ମଲ୍ଲିକ, ଧ୍ରୁବ ଚରଣ ନାୟକ, ଅଧାପିକା ସ୍ୱାଗତିକା ରଣା, ଜଗନ୍ନାଥ ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅନ୍ତେବାସୀଗଣ ଉଦବୋଧନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଜିଲ୍ଲା ଶାଖାର ସମ୍ପାଦକ ରବୀନ୍ଦ୍ର କୁମାର ମହାରଣା କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ।




ପାଟି ଘା' ଏକ ସାଧାରଣ ସମସ୍ୟା, ଏବଂ ଅଧିକାଂଶ ଲୋକ କୌଣସି ସମୟରେ ଏହା ଅନୁଭବ କରନ୍ତି । ଏହି ଛୋଟ ଘା' ପ୍ରାୟତଃ ଓଠ, ଜିଭ, ଗାଲ କିମ୍ବା ପାଟିର ଭିତର ଭାଗରେ ଦେଖାଯାଏ । ଏହି ଘା' ଖାଇବା ଏବଂ ପିଇବାରେ ବହୁତ ଅସୁବିଧା ସୃଷ୍ଟି କରିପାରେ । ଅତ୍ୟଧିକ ଚାପ, ଭିଟାମିନ ବି୧୨, ଆଇରନ, କିମ୍ବା ଫୋଲିକ ଏସିଡ ଅଭାବ, ମସଲାଯୁକ୍ତ କିମ୍ବା ଖଟାଳ ଖାଦ୍ୟ କିମ୍ବା ଆଲର୍ଜି ପାଟି ଘା' ସୃଷ୍ଟି କରିପାରେ । କେତେକ ସମୟରେ, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଯୋଗୁ ମଧ୍ୟ ଏହି ଘା' ହୋଇପାରେ । ଏହି ସମସ୍ୟାରୁ ମୁକ୍ତି ପାଇଁ କିଛି ଘରୋଇ ଉପଚାର ବହୁତ ପ୍ରଭାବଶାଳୀ ।

ନଡ଼ିଆ ତେଲ ପାଟି ଘା ପାଇଁ ଏକ ବହୁତ ପ୍ରଭାବଶାଳୀ ଘରୋଇ ଉପଚାର । ଏହାର ଆଣ୍ଟିସେପ୍ଟିକ ଏବଂ ଆଣ୍ଟି-ଇନ୍ଫ୍ଲେମାଟରି ଗୁଣ ସଂକ୍ରମଣକୁ ରୋକିବା ଏବଂ ଫୁଲା କମ କରିବାରେ ସାହାଯ୍ୟ କରେ । ନଡ଼ିଆ ତେଲ ସହିତ ଘା'କୁ ଧୀରେ ଧୀରେ ମାଲିସ କରିବା କିମ୍ବା କିଛି ସମୟ ପାଇଁ ପାଟିରେ ରଖିବା ଦ୍ୱାରା ଯନ୍ତ୍ରଣା ଦୂର ହୋଇପାରିବ ଏବଂ ଶୀଘ୍ର ଆରୋଗ୍ୟ ହୋଇପାରିବ । ଏହି ଉପଚାର କେବଳ ଯନ୍ତ୍ରଣା କମ କରେ ନାହିଁ ବରଂ ପାଟିର ଭିତର ଅଂଶକୁ ମଧ୍ୟ ସଫା କରେ ।

ହଳଦୀ ଏବଂ ଗୁଡର ପେଷ୍ଟ ମଧ୍ୟ ପାଟି ଘା' ପାଇଁ ବହୁତ ପ୍ରଭାବଶାଳୀ । ହଳଦୀର ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ସୁସ୍ଥ ହେବାରେ ସାହାଯ୍ୟ କରେ, ଯେତେବେଳେ ଗୁଡ଼ର ମଧ୍ୟ ପ୍ରଦାହ-ବିରୋଧୀ ପ୍ରଭାବ ଥାଏ । ହଳଦୀ ପାଉଡରକୁ ଗୁଡ଼ ସହିତ ମିଶାଇ ପେଷ୍ଟ ତିଆରି କରନ୍ତୁ ଏବଂ ଏହାକୁ ସିଧାସଳଖ ଘା' ଉପରେ ଲଗାନ୍ତୁ । ନିୟମିତ ବ୍ୟବହାର ଘା' ଶୀଘ୍ର ସୁସ୍ଥ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣା କମ କରେ । ଏହି ପଦ୍ଧତି ସମ୍ପୂର୍ଣ୍ଣ ପ୍ରାକୃତିକ ଏବଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ।

ଆଲୋଭେରା ଜେଲ ଏକ ଶୀତଳକାରୀ ପଦାର୍ଥ ଯାହା Mouth Ulcer ବା ପାଟି ଘା'ରୁ ତୁରନ୍ତ ଆରାମ ପ୍ରଦାନ କରେ । ଆଲୋଭେରା ପତ୍ରରୁ ସତେଜ ଜେଲ ସିଧାସଳଖ ଘା'ରେ ଲଗାଇବା ଦ୍ୱାରା ଫୁଲା ଏବଂ ଜ୍ୱଳନ ହ୍ରାସ ପାଏ । ବାଣିଜ୍ୟିକ ଭାବରେ ଉପଲବ୍ଧ ଘା' ମଧ୍ୟ ଉପଯୋଗୀ, କିନ୍ତୁ ସତେଜ ଜେଲ ଅଧିକ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ । ଏହି ଉପଚାର ଯେଉଁମାନେ ବାରମ୍ବାର Mouth Ulcer ଅନୁଭବ କରନ୍ତି ସେମାନଙ୍କ ପାଇଁ ଲାଭଦାୟକ ।

ପାହାଡି ଲୁଣ ବା ରକ୍ ସଲ୍ଟ ଏହି ଘା' ପାଇଁ ମଧ୍ୟ ଏକ ପ୍ରଭାବଶାଳୀ ଘରୋଇ ଉପଚାର । ଅଳ୍ପ ଗାଢ଼ ଲୁଣ ସହିତ ପାଣି ମିଶାଇ କୁଳି କରିବା ଦ୍ୱାରା ପାଟି ସଫା ହୁଏ ଏବଂ ଘା' ଚାରିପାଖରେ ସଂକ୍ରମଣ ଦୂର କରିବାରେ ସାହାଯ୍ୟ କରେ । ଦିନକୁ ଅତି କମରେ ଦୁଇଥର କୁଳି କରିବା ଦ୍ୱାରା ଘା'ର ଜ୍ୱଳନ କମିଯାଏ ଏବଂ ଯନ୍ତ୍ରଣାରୁ ମୁକ୍ତି ମିଳେ । ଏହି ପଦ୍ଧତି ବହୁତ ସରଳ ଏବଂ ପ୍ରତ୍ୟେକ ଘରେ ସହଜରେ ଉପଲବ୍ଧ ଉପାଦାନ ସହିତ କରାଯାଇପାରିବ ।

ମହୁରେ ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଅଛି, ଯାହା ଘା'ର ଚିକିତ୍ସାରେ ସହାୟକ ପ୍ରମାଣିତ ହୁଏ । ଘା'ରେ ସିଧା ମହୁ ଲଗାଇବା କିମ୍ବା ମହୁ ଏବଂ ଡାଲଚିନିର ମିଶ୍ରଣ ଖାଇବା ଦ୍ୱାରା ଘା'ର ଯନ୍ତ୍ରଣା କମ ହୁଏ ଏବଂ ଶୀଘ୍ର ଆରୋଗ୍ୟ ହୁଏ । ମହୁ କେବଳ ଯନ୍ତ୍ରଣାରୁ ମୁକ୍ତି ଦିଏ ନାହିଁ ବରଂ ମୁଖ ଟିସୁକୁ ମଧ୍ୟ ପୋଷଣ ଦିଏ, ଯାହା ସୁସ୍ଥତାକୁ ସହଜ କରେ । ଏହି ଉପଚାର ପିଲା ଏବଂ ବୟସ୍କ ଉଭୟଙ୍କ ପାଇଁ ସୁରକ୍ଷିତ ।

ବିଭିନ୍ନ କାରଣ ନେଇ ଆଜିର ଜୀବନଶୈଳୀ ଅତ୍ୟନ୍ତ ଜଟିଳ ହୋଇଛି, ଯେଉଁଥିପାଇଁ ଲୋକ ଚାପଗ୍ରସ୍ତ ରହୁଛନ୍ତି । କିନ୍ତୁ ଛୋଟ କାରଣ ଭାବରେ ବିଚାର କରି ଟେନସନକୁ ଅଣଦେଖା କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କର ସମସ୍ୟା ଆହୁରି ବଢ଼ିବ । ଟେନସନ ଦୂର କରିବାର ଅର୍ଥ ନୁହେଁ ଯେ ଆପଣ ପ୍ରତିଯୋଗିତାର ଦୌଡ଼କୁ ଛାଡ଼ିଦିଅନ୍ତି । କିନ୍ତୁ କିଛି ଜୀବନଶୈଳୀରେ ପରିବର୍ତ୍ତନ ସହିତ, ଆପଣ ଆପଣଙ୍କ ଚାପକୁ ହ୍ରାସ କରି ଖୁସି ଏବଂ ଟେନସନ ମୁକ୍ତ ଜୀବନ ବିତାଇ ବାରେ ସହାଯ୍ୟ କରିବ । ଅନ୍ୟଥା ଷ୍ଟ୍ରେସ୍ ଭିତରେ ମୂଲ୍ୟବାନ ଜୀବନ ଛନ୍ଦି ହୋଇପଡ଼ିବ , ଆପଣ ଅସ୍ତବ୍ୟସ୍ତ ଭଳି ଅନୁଭବ କରିବେ । କାରଣ ଟେନସନ୍ ଶରୀର ପାଇଁ ସ୍ଲୋ ପଏଜନ୍ ଭଳି କାମ କରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି ।

ନିଜର ଯତ୍ନ ନିଅନ୍ତୁ : ନିଶା ସେବନ ଯେପରି ମଦ୍ୟପାନ, ନିଦ୍ରା ଜନିତ ଔଷଧ ନେବାରୁ ନିଜକୁ ଦୂରେଇ ରଖନ୍ତୁ । ବରଂ ସନ୍ତୁଳିତ ଆହାର ଗ୍ରହଣ କରିବା ସହ ୬ରୁ ୭ ଘଣ୍ଟା ଶୋଇବାକୁ ସମୟ ଦିଅନ୍ତୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିୟମିତ ବ୍ୟାୟାମ କରନ୍ତୁ ।

ଆତ୍ମବିଶ୍ୱାସକୁ ଆଧାର କରନ୍ତୁ : ଦୁର୍ଶ୍ଚିନ୍ତାରୁ ଦୂରେଇ ରହିବାକୁ ତଥା ମାଂସପେଶୀଗୁଡ଼ିକୁ ଆରାମ ଦେବାକୁ ଧ୍ୟାନ, ଯୋଗ , ପ୍ରାଣାୟାମ କରିବା ସହ ପ୍ରାକୃତିକ ପରିବେଶରେ ସମୟ ବିତାନ୍ତୁ । ସଠିକ୍ ବାଟ ବତାଉଥିବା ଜଣେ ବା କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା ହୋଇ ସମୟ କାଟନ୍ତୁ । କିନ୍ତୁ ସବୁବେଳେ ଜଣେ ଭଲ ସାଙ୍ଗକୁ ବାଛିବା ବି ଗୁରୁତ୍ୱପୂର୍ଣ୍ଣ ।

ବ୍ରେକ୍ ନିଅନ୍ତୁ : ଲଗାତାର କାମ କରିବା ଅପେକ୍ଷା କାମ ମଝିରେ କିଛି ସମୟର ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ ।




କାରଣ ଏପରି କଲେ ଆପଣଙ୍କ ମସ୍ତିଷ୍କକୁ ଆରାମ ମିଳିବା ସହ ତାର ରଚନାତ୍ମକ କ୍ଷମତା ବଢ଼ିଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି ।

ସାମାଜିକ ବ୍ୟବସ୍ଥାରେ ରୁହନ୍ତୁ : ଏହା କହିବାର ଅର୍ଥ ଆଜିକାର ବ୍ୟସ୍ତ ବହୁଳ ଜୀବନଶୈଳୀ ଅନେକ ସମୟରେ ଦୁର୍ଶ୍ଚିନ୍ତାକୁ ବରଣ କରୁଛି । କାମ ବ୍ୟସ୍ତତା ଯୋଗୁଁ କାହା ସହିତ ମିଳିମିଶା କରିବା ସାକ୍ଷାତ କରିବାକୁ ସମୟ ରହୁନି । କେବଳ କାମର ଚାପ ମସ୍ତିଷ୍କକୁ ଚାପଗ୍ରସ୍ତ କରୁଛି , ଅନେକ ସମୟରେ କାମର ଚାପ ହେଉ କି ବ୍ୟକ୍ତିଗତ କିଛି ସମସ୍ୟା ମଣିଷକୁ ଏଭଳି ଚାପଗ୍ରସ୍ତ କରେ ଯେ କିଛି ଜଣ ଆତ୍ମହତ୍ୟାର ବାଟ ବାଛିବା ଦେଖିବାକୁ ମିଳୁଛି । କିନ୍ତୁ ସମାଜିକ ବ୍ୟବସ୍ଥା ଭିତରେ ରହିଲେ ଅର୍ଥାତ୍ ଲୋକଙ୍କ ସହ ମିଳାମିଶା ଓ କଥାବାର୍ତ୍ତାରେ ଆପଣଙ୍କୁ ହୁଏତ ଏସବୁରୁ ମୁକୁଳିବାର ବାଟ ମିଳିଯିବ । ଏହା ବ୍ୟତୀତ କାହା ସହ ଟିକେ କଥାବାର୍ତ୍ତା ହୋଇଗଲେ ମନ ଅନେକ ମାତ୍ରାରେ ହାଲକା ହୋଇଯାଏ ।

ସାମାନ୍ୟ ଦିନଚର୍ଯ୍ୟା ପାଳନ କରନ୍ତୁ : ଜୀବନକୁ ଜଟିଳ କରନ୍ତୁ ନାହିଁ । ସବୁବେଳେ ଏକ ସାମାନ୍ୟ ଜୀବନଚର୍ଯ୍ୟାକୁ ପାଳନ କରିବାକୁ ଚେଷ୍ଟା କରନ୍ତୁ ।ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ ଏବଂ ରାତିରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ । ଏହାସହ ଠିକ ସମୟରେ ନିଜର ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ ।

ଖାଲି ଏତିକି ନୁହେଁ ଆଉ ଏକ ଭଲ ଟିପ୍ସ ହେଉଛି କିଛି ସାମାଜିକ ହିତକର କାମରେ ନିଜକୁ ନିୟୋଜିତ ରଖନ୍ତୁ । ଯେମିତି ଗରୀବଙ୍କୁ ଖାଇବାକୁ ଦେବା, ବୁଲା ପଶୁଙ୍କ ସେବା କରିବା , ଗଛ ରୋପଣ କରିବା ଏଭଳି କାମ କରିବା ଦ୍ୱାରା ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ ।

ସବୁଠୁ ଭଲ ସାଙ୍ଗ, ବହି ପଢ଼ିବାକୁ ଭୁଲନ୍ତୁ ନାହିଁ । କାରଣ ଗୋଟେ ଭଲ ବହି ଜୀବନର ଅନେକ ଭଲ କଥା ଶିଖାଇଦିଏ , ବଞ୍ଚିବାର ବାଟ ଦେଖାଇଦେବାରେ ସହାୟକ ହୋଇଥାଏ ।

## ଏହି ସମୟରେ ଖାଇଲେ ହୋଇପାରନ୍ତି ମୋଟା : ଜାଣନ୍ତୁ କେଉଁ ସମୟରେ ଖାଇବେ ନାହିଁ ଭାତ ଏବଂ ରୁଟି ?

**ମଧ୍ୟାହ୍ନ ଭୋଜନ ହେଉ କିମ୍ବା ରାତ୍ରିଭୋଜନ ଆପଣ ପ୍ରତ୍ୟେକ ଘରେ ଭାତ କିମ୍ବା ରୁଟି ଖାଉଥିବା ଲୋକଙ୍କୁ ଦେଖିବେ । କିନ୍ତୁ ଆପଣ କ'ଣ ଜାଣନ୍ତି କି ଯେ ଏହି ଭାତ-ରୁଟି ଖାଇବାର ଏକ ସଠିକ ସମୟ ଅଛି ।**



ଭାତ ଏବଂ ରୁଟି ବିନା ଆମ ଭାରତୀୟଙ୍କ ଖାଦ୍ୟ ଅସମ୍ପୂର୍ଣ୍ଣ । ମଧ୍ୟାହ୍ନ ଭୋଜନ ହେଉ କିମ୍ବା ରାତ୍ରିଭୋଜନ ଆପଣ ପ୍ରତ୍ୟେକ ଘରେ ଭାତ କିମ୍ବା ରୁଟି ଖାଉଥିବା ଲୋକଙ୍କୁ ଦେଖିବେ । କିନ୍ତୁ ଆପଣ କ'ଣ ଜାଣନ୍ତି କି ଯେ ଏହି ଭାତ-ରୁଟି ଖାଇବାର ଏକ ସଠିକ ସମୟ ଅଛି । ପ୍ରକୃତରେ ଆଜିକାଲି ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ବଢ଼ିଛି । ଏହାର କାରଣ ହେଉଛି ଆମର ଅନିୟମିତ ଏବଂ ଖରାପ ଖାଦ୍ୟ ଅଭ୍ୟାସ । ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ରୁଟି ଏବଂ ଭାତ ଖାଇବା ଉଚିତ ନୁହେଁ ।

ଲୋକମାନେ ନିଜ ରାତ୍ରୀଭୋଜନକୁ ନେଇ ଅଧିକ ସତର୍କ ରହିବା ଉଚିତ । ରାତିରେ ରାତ୍ରୀଭୋଜନ ଖାଇବା ପରେ କିଛି ଲୋକ ପ୍ରାୟତଃ ଶୋଇପଡ଼ନ୍ତି ଏବଂ ଶରୀର ଯାହା ଉତ୍ପନ୍ନ କରେ ତାହା ହଜମ କରିପାରନ୍ତି ନାହିଁ ଏବଂ ଏହା ଶରୀରକୁ ଅନେକ ପ୍ରଭାବିତ କରେ । ରାତ୍ରୀଭୋଜନରେ ଅତ୍ୟଧିକ ରୁଟି-ଭାତ ଖାଇବା ଦ୍ୱାରା ମେଦବହୁଳତା ବଢ଼ିପାରେ । ଏହା ଉଚ୍ଚ କ୍ୟାଲୋରିରେ ପରିପୂର୍ଣ୍ଣ ଯେଉଁଥିପାଇଁ ଶରୀରରେ ଚର୍ବିର ପରିମାଣ ବଢ଼ିପାରେ ଏବଂ ଆପଣ ମେଦବହୁଳତାର ଶିକାର ହୋଇପାରନ୍ତି । ରାତ୍ରୀଭୋଜନରେ ରୁଟି ଏବଂ ଭାତ ଖାଇବା ଦ୍ୱାରା ଶରୀରରେ ଶର୍କରା ବୃଦ୍ଧି ପାଏ । କାରଣ ଶରୀର ଏହି ଦୁଇଟି ଶସ୍ୟରେ ଥିବା କ୍ୟାଲୋରିକୁ



ଭାଙ୍ଗି ଶର୍କରାରେ ପରିଣତ କରେ ଯାହା ମଧୁମେହ ସୃଷ୍ଟି କରିପାରେ ।

ରାତିରେ ରୁଟି ଏବଂ ଭାତ ଖାଇବା ଦ୍ୱାରା ଶରୀର ନିରନ୍ତର ସେମାନଙ୍କୁ ହଜମ କରିବାରେ ନିୟୋଜିତ ରହିଥାଏ ଏବଂ ମସ୍ତିଷ୍କ ମଧ୍ୟ ଏହି କାର୍ଯ୍ୟରେ ସାମିଲ ରହିଥାଏ । ଏହି କାରଣରୁ ମସ୍ତିଷ୍କ ସାରା ରାତି ଜାଗ୍ରତ ରହିଥାଏ ଯାହା ଫଳରେ ଶରୀରକୁ ପୂର୍ଣ୍ଣ ନିଦ ହୁଏ ନାହିଁ । ଯଦି ଆପଣ ଆପଣଙ୍କ ଖାଦ୍ୟରେ ରୁଟି ଏବଂ ଭାତ ଖାଇବାକୁ ଚାହାନ୍ତି ତେବେ ସବୁଠାରୁ ଭଲ ସମୟ ହେଉଛି ମଧ୍ୟାହ୍ନ । ମଧ୍ୟାହ୍ନରେ ରୁଟି ଏବଂ ଭାତ ଖାଇବା ଦ୍ୱାରା ଶକ୍ତି ମିଳିଥାଏ । ରୁଟି ଏବଂ ଭାତ ଉଭୟ କାର୍ବୋହାଇଡ୍ରେଟର ଭଲ ଉତ୍ସ ଯାହା ଶରୀରକୁ ତୁରନ୍ତ ଏବଂ ନିରନ୍ତର ଶକ୍ତି ପ୍ରଦାନ କରେ । ଏହି ଦୁଇଟି ଶସ୍ୟ ଏହି ସମୟରେ ସହଜରେ ହଜମ ହୁଏ । ସନ୍ଧ୍ୟାରେ କିମ୍ବା ରାତିରେ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଧୀର ହୋଇପାରେ ।




**ଭାଇରାଲ୍ ଇନଫେକ୍ସନରେ ସାଧାରଣତଃ ଆଣ୍ଟିବାୟୋଟିକ୍ ?ର ଆବଶ୍ୟକତା ନଥାଏ କାରଣ ସେଗୁଡ଼ିକ ଭାଇରସ୍ ଉପରେ ପ୍ରଭାବ ପକାନ୍ତି ନାହିଁ । ତଥାପି ଲୋକମାନେ ଏହାକୁ ବିନା କୌଣସି ସୂଚନାରେ ଖାଇଥା'ନ୍ତି ଯାହା ଇମ୍ୟୁନିଟି ସିଷ୍ଟମ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ ।**

ବାରମ୍ବାର ଆଣ୍ଟିବାୟୋଟିକ୍ ନେବା ଦ୍ୱାରା ଶରୀରର ପ୍ରାକୃତିକ ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ୍ ଇମ୍ୟୁନିଟି ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଆଣ୍ଟିବାୟୋଟିକ୍ସର କାମ ହେଉଛି ବ୍ୟାକ୍ଟେରିଆକୁ ଶେଷ କରିବା କିନ୍ତୁ ଏହା ଭଲ ବ୍ୟାକ୍ଟେରିଆକୁ ମଧ୍ୟ ମାରିଦିଏ ଯାହା ଆମ ଅନ୍ତ ଏବଂ ଇମ୍ୟୁନ ସିଷ୍ଟମକୁ ସୁସ୍ଥ ରଖିଥାଏ । ଏହାଦ୍ୱାରା ଆପଣଙ୍କ ଗଟ୍ ହେଲଥ୍ ଏବଂ ଇମ୍ୟୁନ ସିଷ୍ଟମ ଉଭୟ ପ୍ରଭାବିତ ହୋଇଥାଏ । ଡାକ୍ତରମାନଙ୍କର ପରାମର୍ଶ ହେଉଛି ଯେ ଆଣ୍ଟିବାୟୋଟିକ୍ ?ର ସେବନ କେବଳ ସେତେବେଳେ କରିବା ଉଚିତ୍ ଯେତେବେଳେ ଡାକ୍ତରଙ୍କ ଦ୍ୱାରା ପ୍ରେସ୍କ୍ରାଇବ୍ କରାଯାଏ । ଭାଇରାଲ୍ ଇନଫେକ୍ସନରେ ସାଧାରଣତଃ ଆଣ୍ଟିବାୟୋଟିକ୍ ?ର ଆବଶ୍ୟକତା ନଥାଏ କାରଣ ସେଗୁଡ଼ିକ ଭାଇରସ୍ ଉପରେ ପ୍ରଭାବ ପକାନ୍ତି ନାହିଁ । ତଥାପି ଲୋକମାନେ ଏହାକୁ ବିନା କୌଣସି ସୂଚନାରେ ଖାଇଥା'ନ୍ତି ଯାହା ଇମ୍ୟୁନିଟି ସିଷ୍ଟମ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ । ଯେତେବେଳେ ଆପଣ ବାରମ୍ବାର ଆଣ୍ଟିବାୟୋଟିକ୍ ନିଅନ୍ତି ସେତେବେଳେ ଶରୀରର ବ୍ୟାକ୍ଟେରିଆ ବିରୁଦ୍ଧରେ ଲଢ଼ିବାର କ୍ଷମତା ଧୀରେ ଧୀରେ କମିଯାଏ । ଏହାକୁ ଆଣ୍ଟିବାୟୋଟିକ୍ ରେସିଷ୍ଟାନ୍ସ କୁହାଯାଏ । ଏହାର ଅର୍ଥ ହେଉଛି ଯେ ଯେତେବେଳେ ଆପଣଙ୍କୁ ସତରେ ଆଣ୍ଟିବାୟୋଟିକ୍ର ଆବଶ୍ୟକତା ରହିବ ସେତେବେଳେ ତାହା କାମ କରିବ ନାହିଁ । ଏହି ସ୍ଥିତି ଇନଫେକ୍ସନକୁ ଆହୁରି ଅଧିକ ବିପଜ୍ଜନକ କରିପାରେ ।

ଦିଲ୍ଲୀର ଆରଏମଏଲ୍ ହସ୍ପିଟାଲରେ ମେଡିସିନ ବିଭାଗର ଡାକ୍ତର ପୁନୀତ କୁମାର କୁହନ୍ତି ଯେ ଆଣ୍ଟିବାୟୋଟିକ୍ ଔଷଧ ଶରୀରରେ ଥିବା ବ୍ୟାକ୍ଟେରିଆକୁ ମାରିବା କିମ୍ବା ସେମାନଙ୍କର ସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଦିଆଯାଏ । ଏଗୁଡ଼ିକ କେବଳ ବ୍ୟାକ୍ଟେରିଆଲ୍ ଇନଫେକ୍ସନରେ କାମ କରନ୍ତି ଭାଇରାଲ୍ ଇନଫେକ୍ସନରେ ଯେପରିକି ଥଣ୍ଡା-କାଶ କିମ୍ବା ଫ୍ଲୁ ଏହାର କୌଣସି ପ୍ରଭାବ ନଥାଏ । କିନ୍ତୁ ଲୋକମାନେ ସୂଚନାର ଅଭାବରେ ଭାଇରାଲ୍ ରୋଗରେ ମଧ୍ୟ ଆଣ୍ଟିବାୟୋଟିକ୍ ନେଇଥା'ନ୍ତି । ଏହାଦ୍ୱାରା ଲାଭ ତ ମିଳେ ନାହିଁ କିନ୍ତୁ ଶରୀରରେ ଥିବା ଗୁଡ୍ ବ୍ୟାକ୍ଟେରିଆ ମଧ୍ୟ ମରିବାକୁ ଲାଗନ୍ତି ଯାହା ଆମର ଇମ୍ୟୁନିଟିକୁ ମଜଭୁତ କରି ରଖିଥାଏ ।

### ଆଣ୍ଟିବାୟୋଟିକ୍ ବ୍ୟବହାରର ସାଇଡ୍ ଇଫେକ୍ଟସ

ଅତ୍ୟଧିକ ଆଣ୍ଟିବାୟୋଟିକ୍ ବ୍ୟବହାରର ସାଇଡ୍ ଇଫେକ୍ଟସରେ ଡାଇରିଆ, ସ୍କିନ୍ ଆଲର୍ଜି, ପେଟ ଯନ୍ତ୍ରଣା ଏବଂ ଫଙ୍ଗଲ ଇନଫେକ୍ସନ ସାମିଲ ଅଛି । ଏହା ସହିତ ଏହା ଶରୀରରେ ଫୁଲା ଏବଂ ଦୁର୍ବଳତାର କାରଣ ମଧ୍ୟ ହୋଇପାରେ । ଲମ୍ବା ସମୟ ଧରି ଏପରି ଚାଲିଲେ ଇମ୍ୟୁନିଟି ଏତେ ଦୁର୍ବଳ



ହୋଇଯିବ ଯେ ଛୋଟ ରୋଗ ମଧ୍ୟ ଗମ୍ଭୀର ରୂପ ନେଇପାରେ ।

### ସାବଧାନତା ପାଇଁ କ'ଣ କରିବେ ?

- କୌଣସି ବି ଆଣ୍ଟିବାୟୋଟିକ୍ର ସେବନ କେବଳ ଡାକ୍ତରଙ୍କ ପରାମର୍ଶରେ କରନ୍ତୁ ।
- ଭାଇରାଲ୍ ଜ୍ୱର କିମ୍ବା ସାମାନ୍ୟ ଥଣ୍ଡା-କାଶରେ ନିଜେ ଔଷଧ ନିଅନ୍ତୁ ନାହିଁ ।
- ଇମ୍ୟୁନିଟିକୁ ମଜଭୁତ କରିବା ପାଇଁ natural immunity boosters ଯେପରିକି ଭିଟାମିନ ସି, ତୁଳସୀ, ଅଦା, ହଳଦୀ, ଲେମ୍ବୁର ସେବନ କରନ୍ତୁ ।
- ହେଲଦୀ ଡାଏଟ୍, ପର୍ଯ୍ୟାପ୍ତ ନିଦ ଏବଂ ନିୟମିତ ବ୍ୟାୟାମକୁ ଜୀବନର ଏକ ଅଂଶ ବନାନ୍ତୁ ।

ଆଣ୍ଟିବାୟୋଟିକ୍ ଔଷଧ ଜରୁରୀ ହୋଇଥାଏ କିନ୍ତୁ ଏହାର ବ୍ୟବହାର ସେତେବେଳେ କରିବା ଉଚିତ୍ ଯେତେବେଳେ ପ୍ରକୃତରେ ଆବଶ୍ୟକତା ଥାଏ । ବାରମ୍ବାର ଏହାର ସେବନ ଆପଣଙ୍କ ଇମ୍ୟୁନିଟିକୁ ବିପଦରେ ପକାଇପାରେ ଏବଂ ଶରୀରକୁ ଲମ୍ବା ସମୟ ପର୍ଯ୍ୟନ୍ତ କ୍ଷତି ପହଞ୍ଚାଇପାରେ । ଯଦି ଆପଣ ଚାହୁଁଛନ୍ତି ଯେ ଆପଣଙ୍କର ଇମ୍ୟୁନ ସିଷ୍ଟମ ମଜଭୁତ ରହୁ ତେବେ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ଉପରେ ଧ୍ୟାନ ଦିଅନ୍ତୁ ଏବଂ ଔଷଧର ବ୍ୟବହାର ଭାବିଚିନ୍ତି କରନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଇଣ୍ଟର୍ନସିପ୍ ଯୋଜନା ପ୍ରତି ଯୁବପିଢିଙ୍କ ଅନାଗ୍ରହ

ଭାରତବର୍ଷ, ଯେଉଁଠାରେ ବିଶ୍ୱର ସର୍ବାଧିକ ଯୁବଶକ୍ତି ବାସ କରନ୍ତି, ସେଠାରେ ଯୁବପିଢିଙ୍କ ଭବିଷ୍ୟତକୁ ନେଇ ପ୍ରତ୍ୟେକଟି ଯୋଜନା ସ୍ୱାଭାବିକ ଭାବରେ ଗୁରୁତ୍ୱ ବହନ କରେ । ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀଙ୍କ ଇଣ୍ଟର୍ନସିପ୍ ଯୋଜନା (PMIS) ଏକ ବଡ଼ ଧରଣର ପ୍ରୟାସ ଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଦେଶର ଶିକ୍ଷିତ ଯୁବକଯୁବତୀମାନଙ୍କୁ ଶିଳ୍ପ ଏବଂ କର୍ପୋରେଟ୍ ଜଗତ ସହିତ ଯୋଡ଼ିବା । ଲକ୍ଷ୍ୟ ଥିଲା ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଦେଶର ଶ୍ରେଷ୍ଠ ୫୦୦ କମ୍ପାନୀରେ ଏକ କୋଟି ଇଣ୍ଟର୍ନସିପ୍ ସୁଯୋଗ ସୃଷ୍ଟି କରିବା । କିନ୍ତୁ ପରିସଂଖ୍ୟାନ ଏକ ଭିନ୍ନ ଚିତ୍ର ଦେଉଛି । ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନାର ପାଇଲଟ୍ ପ୍ରକଳ୍ପରେ ଲକ୍ଷାଧିକ ସୁଯୋଗ ସୃଷ୍ଟି କରାଯାଇଥିଲେ ମଧ୍ୟ, ଯୋଗ ଦେଇଥିବା ଯୁବକଯୁବତୀଙ୍କ ସଂଖ୍ୟା ନଗଣ୍ୟ । ପ୍ରଥମ ପର୍ଯ୍ୟାୟରେ ୧.୨୭ ଲକ୍ଷରୁ ଅଧିକ ଇଣ୍ଟର୍ନସିପ୍ ପାଇଁ ୬.୨୧ ଲକ୍ଷ ଆବେଦନ ଆସିଥିବା ବେଳେ କେବଳ ୮,୭୦୦ ଜଣ ଯୋଗ ଦେଇଥିଲେ । ଏହା କେବଳ ଏକ ଯୋଜନାର ବିଫଳତା ନୁହେଁ ବରଂ ଏହା ଆମର ଯୁବପିଢିଙ୍କ ଆକାଂକ୍ଷା, ବାସ୍ତବତା ଏବଂ ସରକାରୀ ଯୋଜନାଗୁଡ଼ିକ ମଧ୍ୟରେ ଥିବା ଏକ ଗଭୀର ଫାଟକୁ ଦର୍ଶାଉଛି ।

ଏହି ଅନାଗ୍ରହର କାରଣ କ'ଣ ? ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଇଣ୍ଟର୍ନସିପର ଅବଧି, କାର୍ଯ୍ୟସ୍ଥଳର ଦୂରତା ଏବଂ ଉଚ୍ଚଶିକ୍ଷା ପାଇଁ ଆଗ୍ରହ ଭଳି କାରଣଗୁଡ଼ିକ ଏଥିପାଇଁ ଦାୟୀ । କିନ୍ତୁ ଏହି କାରଣଗୁଡ଼ିକ ପଛରେ ଥିବା ଅର୍ଥନୈତିକ ଏବଂ ସାମାଜିକ ବାସ୍ତବତାକୁ ଅଣଦେଖା କରାଯାଇପାରିବ ନାହିଁ । ଆଜିର ଯୁବପିଢି କେବଳ ଏକ ଇଣ୍ଟର୍ନସିପ୍ ପ୍ରମାଣପତ୍ର ଚାହୁଁନାହାନ୍ତି, ବରଂ ସେମାନେ ଏକ ସୁରକ୍ଷିତ ଭବିଷ୍ୟତ, ଆର୍ଥିକ ସ୍ଥିରତା ଏବଂ ନିଜର ଦକ୍ଷତାର ସଠିକ୍ ମୂଲ୍ୟାୟନ ଚାହୁଁଛନ୍ତି । ଯେତେବେଳେ ଏକ ଇଣ୍ଟର୍ନସିପ୍ ପାଇଁ ମିଳୁଥିବା ଷ୍ଟାଇପେଣ୍ଡ ଏତେ କମ୍ ହୋଇଥାଏ ଯେ ଜଣେ ଯୁବକ ବା ଯୁବତୀ ନିଜ ସହର ଛାଡ଼ି ଅନ୍ୟ ଏକ ବଡ଼ ସହରରେ ଚଳିବା ଅସମ୍ଭବ ହୋଇପଡ଼େ, ସେତେବେଳେ କେବଳ ଆଗ୍ରହ ଦେଖାଇ କେହି ଏହି ସୁଯୋଗ ନେବାକୁ ଆଗେଇ ଆସିବ ନାହିଁ । ଏହା ସହିତ ଇଣ୍ଟର୍ନସିପ୍ ପରେ ଏକ ସ୍ଥାୟୀ ନିଯୁକ୍ତିର କୌଣସି ଗ୍ୟାରେଣ୍ଟି ନଥିବାରୁ, ଅନେକ ଏହାକୁ କେବଳ ଏକ ସମୟର ଅପଚୟ ବୋଲି ଭାବୁଛନ୍ତି ।

ଏହି ସମସ୍ୟାକୁ ଭାରତର ବ୍ୟାପକ ଯୁବ ବେକାରୀ ସମସ୍ୟାଠାରୁ ଅଲଗା କରି ଦେଖାଯାଇପାରିବ ନାହିଁ । ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ILO) ଏବଂ ଅନ୍ୟାନ୍ୟ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଭାରତରେ ଯୁବ ବେକାରୀ ହାର (୧୫-୨୯ ବର୍ଷ) ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ । ଏହି 'ଯଥେଷ୍ଟ ଅଧିକ' ଶବ୍ଦର ଗଭୀରତା ପରିସଂଖ୍ୟାନରୁ ସ୍ପଷ୍ଟ ହୁଏ । ୨୦୨୨-୨୩ର ସରକାରୀ ତଥ୍ୟ ଅନୁସାରେ, ଯେତେବେଳେ ଦେଶର ସମସ୍ତ ବୟସର ଲୋକଙ୍କ ପାଇଁ ଜାତୀୟ ବେକାରୀ ହାର ୩.୨% ଥିଲା, ସେତେବେଳେ ୧୫-୨୯ ବର୍ଷ ବୟସର ଯୁବପିଢିଙ୍କ ମଧ୍ୟରେ ଏହି ହାର ୧୦% ଥିଲା - ଅର୍ଥାତ୍ ଜାତୀୟ ହାରର ପ୍ରାୟ ତିନି ଗୁଣ । ପରିସ୍ଥିତି ସେତେବେଳେ ଆହୁରି ଚିନ୍ତାଜନକ ହୋଇପଡ଼େ ଯେତେବେଳେ ଶିକ୍ଷାଗତ ଯୋଗ୍ୟତାକୁ ବିଚାରକୁ ନିଆଯାଏ । ରିପୋର୍ଟ ଅନୁଯାୟୀ, ସ୍ନାତକ (Graduates) ମାନଙ୍କ ମଧ୍ୟରେ ବେକାରୀ ହାର ୨୯.୧% ଥିବାବେଳେ, ନିରକ୍ଷର ଲୋକଙ୍କ ମଧ୍ୟରେ ଏହା ମାତ୍ର ୩.୪% । ଏହି ପରିସଂଖ୍ୟାନ ଏକ ଭୟଙ୍କର ବିଡ଼ମ୍ବନାକୁ ସାମ୍ନାକୁ ଆଣୁଛି ଯେ, ଦେଶରେ ଡିଗ୍ରୀଧାରୀ ଯୁବକଯୁବତୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ, ସେମାନଙ୍କ ପାଇଁ ଉପଯୁକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରୁନାହିଁ । ଏଭଳି ସ୍ଥିତିରେ, ଏକ ଅସ୍ଥାୟୀ ଇଣ୍ଟର୍ନସିପ୍, ଯାହା ଭବିଷ୍ୟତରେ ଏକ ସ୍ଥାୟୀ ଚାକିରିର ପ୍ରତିଶ୍ରୁତି ଦେଉନାହିଁ, ତାହା ଯୁବପିଢିଙ୍କୁ ଆକର୍ଷିତ କରିବାରେ ବିଫଳ ହେବା ସ୍ୱାଭାବିକ ।

ଏହା କେବଳ ନିଯୁକ୍ତିର ଅଭାବ ନୁହେଁ ବରଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡ଼ିକର ରୂପାୟନରେ ମଧ୍ୟ ତ୍ରୁଟି ରହିଛି । ସରକାରଙ୍କ ଦ୍ୱାରା ପରିଚାଳିତ 'ସ୍କିଲ୍ ଇଣ୍ଡିଆ' ଭଳି ଅନେକ ଯୋଜନା ସତ୍ତ୍ୱେ, ଶିଳ୍ପ ଜଗତର ଆବଶ୍ୟକତା ଏବଂ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରେ ଦିଆଯାଉଥିବା ଶିକ୍ଷା ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ରହିଛି । ଅନେକ କ୍ଷେତ୍ରରେ, ପ୍ରଶିକ୍ଷଣ ପାଠ୍ୟକ୍ରମଗୁଡ଼ିକ ପୁରୁଣା ଏବଂ ବଜାରର ଚାହିଦା ଅନୁଯାୟୀ ନୁହେଁ । ଫଳରେ, ପ୍ରଶିକ୍ଷଣ ପରେ ମଧ୍ୟ ଯୁବକଯୁବତୀମାନେ ନିଯୁକ୍ତି ପାଇବାରେ ସକ୍ଷମ ହେଉନାହାନ୍ତି । ଏହା ସହିତ, ଆଜିର ଯୁବପିଢିଙ୍କ ଆକାଂକ୍ଷା ମଧ୍ୟ ବଦଳିଛି । ସେମାନେ କେବଳ ପାରମ୍ପରିକ ଚାକିରି ଖୋଜୁନାହାନ୍ତି ବରଂ କୃତ୍ରିମ ବୁଦ୍ଧିମତା (AI), କଣ୍ଟେଣ୍ଟ କ୍ରିଏସନ୍, ଗେମିଂ ଏବଂ ଉଦ୍ୟମିତା ଭଳି ନୂତନ କ୍ଷେତ୍ରରେ କ୍ୟାରିୟର ଗଢିବାକୁ ଚାହୁଁଛନ୍ତି । ସେମାନେ ଏଭଳି କାର୍ଯ୍ୟ ଚାହାନ୍ତି ଯେଉଁଠାରେ ସୃଜନଶୀଳତା, ନମନୀୟତା ଏବଂ ଉଦ୍ଦେଶ୍ୟମୂଳକତା ଥାଏ । ସରକାରୀ ଯୋଜନାଗୁଡ଼ିକ ଯଦି ଏହି ପରିବର୍ତ୍ତିତ ଆକାଂକ୍ଷାକୁ ବୁଝିବାରେ ଏବଂ ସେହି ଅନୁଯାୟୀ ନିଜକୁ ପରିବର୍ତ୍ତନ କରିବାରେ ବିଫଳ ହୁଏ, ତେବେ ଏଭଳି ଅନାଗ୍ରହ ବାରମ୍ବାର ଦେଖିବାକୁ ମିଳିବ ।

ତେଣୁ, ସମାଧାନ କେବଳ ଏକ ଯୋଜନାର ପୁନଃମୂଲ୍ୟାଙ୍କନରେ ସୀମିତ ନରହି, ଏକ ସାମଗ୍ରିକ ଦୃଷ୍ଟିକୋଣ ଆପଣାଇବାର ଆବଶ୍ୟକତା ରହିଛି । ପ୍ରଥମତଃ, ଇଣ୍ଟର୍ନସିପ୍ ଯୋଜନାଗୁଡ଼ିକୁ କେବଳ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭାବରେ ନଦେଖି, ଏହାକୁ ନିଯୁକ୍ତି ସୃଷ୍ଟିର ଏକ ମାଧ୍ୟମ ଭାବରେ ଗଢି ତୋଳିବାକୁ ହେବ । କମ୍ପାନୀମାନଙ୍କୁ ପ୍ରୋତ୍ସାହିତ କରାଯିବା ଉଚିତ୍ ଯେପରି ସେମାନେ ଇଣ୍ଟର୍ନମାନଙ୍କ ମଧ୍ୟରୁ ଏକ ନିର୍ଦ୍ଦିଷ୍ଟ ପ୍ରତିଶତକୁ ସ୍ଥାୟୀ ନିଯୁକ୍ତି ଦେବେ । ଦ୍ୱିତୀୟତଃ, ଷ୍ଟାଇପେଣ୍ଡର ପରିମାଣ ବାସ୍ତବବାଦୀ ହେବା ଆବଶ୍ୟକ, ଯାହାଦ୍ୱାରା ଜଣେ ଯୁବକ ବା ଯୁବତୀ ଆର୍ଥିକ ଚାପ ବିନା ନିଜର ଦକ୍ଷତା ବୃଦ୍ଧିରେ ଧ୍ୟାନ ଦେଇପାରିବ । ତୃତୀୟତଃ, ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ଶିଳ୍ପ ଜଗତର ସହଭାଗିତାରେ ଏବଂ ଭବିଷ୍ୟତର ଚାହିଦାକୁ ଦୃଷ୍ଟିରେ ରଖି ପୁନଃରୂପାୟନ କରାଯିବା ଜରୁରୀ । ଏହା ସହିତ, ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଏବଂ ଯୁବପିଢିଙ୍କୁ ନିଜର ଉଦ୍ୟୋଗ ଆରମ୍ଭ କରିବା ପାଇଁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ଯୁବଶକ୍ତିର ସଠିକ୍ ବିନିଯୋଗ ହିଁ ଦେଶକୁ ବିକାଶ ପଥରେ ଆଗେଇ ନେବ । ଯଦି ସେମାନଙ୍କର ଆଶା ଓ ଆକାଂକ୍ଷାକୁ ଅଣଦେଖା କରାଯାଏ, ତେବେ ଏହି 'ଡେମୋଗ୍ରାଫିକ୍ ଡିଭିଡେଣ୍ଡ' ଏକ 'ଡେମୋଗ୍ରାଫିକ୍ ଡିଜାଷ୍ଟର'ରେ ପରିଣତ ହେବାକୁ ବେଶୀ ସମୟ ଲାଗିବ ନାହିଁ ।

# ଶରତ କାଳେ ମହାପୂଜା



### ଅଲେଖ ଚନ୍ଦ୍ର ସାମଲ



'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି। ଭାରତ ବର୍ଷର ଧାର୍ମିକ ଚଳଣିରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା'ଦୁର୍ଗାଙ୍କ ଶକ୍ତି ପୂଜା ତା ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଥାଏ। ଋଗବେଦରେ ବର୍ଣ୍ଣିତ - 'ତାମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳେଷୁ ଦୁଷ୍ଟାମ୍, ଦୁର୍ଗା ଦେବୀଂ ଶରଣମହଂ ପ୍ରପଦ୍ୟେ ସୁତରସି ତରସେ ନମଃ'। ଅର୍ଥାତ୍ 'ମୁଁ ଅଗ୍ନିବର୍ଣ୍ଣା ତପୋଜ୍ୱଳା ଦୁର୍ଗାଦେବୀଙ୍କର ଶରଣ ପଶୁଛି, ଯେ କି ପରମ ଶକ୍ତିସମ୍ପନ୍ନ, ଯେ ନିଜକୁ ବହୁବିଧ ରୂପରେ ପ୍ରକଟ କରନ୍ତି, ଯେ କି କର୍ମ ଓ ଫଳରେ ନିହିତ ଶକ୍ତି ଅଟନ୍ତି। ହେ ରକ୍ଷାରେ ନିପୁଣା ଦେବୀ, ଆମକୁ ଅଧିକ କୁଶଳତାର ସହ କଷ୍ଟ ମଧ୍ୟରେ ପାର କରାଅ। ଆମେ ତୁମକୁ ପ୍ରଣାମ କରୁଛୁ।'

ମା'ସୃଷ୍ଟି ସ୍ଥିତି ବିନାଶର ଆଧାର। ଓଁକାର ଶବ୍ଦ ସହ ପୃଥିବୀ ସୃଷ୍ଟି ହେବା ସମୟରୁ ଶକ୍ତି ଉତ୍ପନ୍ନ ହୋଇଅଛି। ଏହି ଶକ୍ତି ସମଗ୍ର ଜଗତରେ ଜୀବ, ମାନବ, ବୃକ୍ଷଲତାରେ ପୁରି ରହିଛି। ନବରାତ୍ରି ଉପାସନା ଆମକୁ ସେହି ଶକ୍ତି ପ୍ରଦାନ କରେ। ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ମହାନବମୀ ପର୍ଯ୍ୟନ୍ତ ନବରାତ୍ରି ପାଳନ କରାଯାଏ। ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରନ୍ତି। ତାହା ହେଲା 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍, ପଞ୍ଚମଂ ସ୍କନ୍ଦମାତେ ତି, ଷଷ୍ଠ କାତ୍ୟାୟନୀତି ଚ, ସପ୍ତମଂ କାଳରାତ୍ରିତି ମହାଗୌରୀ ଚାଷ୍ଟକମ୍, ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ, ଅକ୍ତାନ୍ୟେତାନି ନାମାନି ବ୍ରାହ୍ମଣୈବ ମହାତ୍ମନୀ।' ମହାଶକ୍ତିକୁ ନବରାତ୍ରିରେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ମଧ ପୂଜା କରନ୍ତି। ମହାକାଳୀ ତମଗୁଣର ପ୍ରତୀକ। ମା'କାଳୀ ଆମର ତମ ଗୁଣ ଯଥା - କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ଦୂର କରି ଆମକୁ ଦିବ୍ୟଗୁଣ ପ୍ରଦାନ କରିବା ପାଇଁ ଆମେ ତାଙ୍କୁ ଆରାଧନା କରୁ ପ୍ରାର୍ଥନା କରୁ। ମା'ଆମର ଅଜ୍ଞାନ ନାଶ କରି ଦିବ୍ୟଜ୍ଞାନ ପ୍ରଦାନ କରନ୍ତୁ, ମହାଲକ୍ଷ୍ମୀ ରଜଗୁଣର ପ୍ରତୀକ। ଏହା ସାହାସ, ତ୍ୟାଗ, ଶାସନ ଓ କର୍ମ ତତ୍ପରତା ଆଦି ଗୁଣାବଳୀର ପ୍ରତୀକ। ମା'ଲକ୍ଷ୍ମୀଙ୍କୁ କ'ଣ ଦେଇ ପୂଜା କରିବା। ଆମର ଦେହ, ମନ, ବୁଦ୍ଧି ସବୁତ ତାର ସେ ଆମକୁ ଆବଶ୍ୟକ ଖାଦ୍ୟପେୟ ଓ ଯଶ ପ୍ରଦାନ କରନ୍ତୁ। ମହାସରସ୍ୱତୀ ସତ୍ତ୍ୱଗୁଣର ପ୍ରତୀକ। ଏଥିରେ ସହିଷ୍ଣୁତା, ଦୟା, ପ୍ରେମ ଆଦି ଗୁଣ ରହିଛି। ମା'ସରସ୍ୱତୀ ହଂସବାହିନୀ, ହଂସ ଯେପରି କ୍ଷୀର ଓ ପାଣିରୁ କେବଳ କ୍ଷୀର ପିଇଦିଏ ଆମେ ସେହିପରି ଭଲ ଓ ମନ୍ଦ ମଧ୍ୟରୁ ଭଲଟିକୁ ବାଛିନେବା।

ଦୁର୍ଗାପୂଜା କେତେକ ସ୍ଥାନରେ ଷୋଳଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନବ୍ୟାପୀ ପାଳିତ ହୁଏ। ସେ ସବୁକ ଗୋଟି ଗୋଟି କରି ଆଲୋଚନା କଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା, ପ୍ରକୃତିର ପୂଜା। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନ ଦେବୀ ପାଞ୍ଚ ଚେତନାରେ ଜଡ଼ିତ। ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା। ପ୍ରଥମରେ ଶୈଶବ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ। ଷଷ୍ଠୀ ତିଥି ନନ୍ଦା, ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା। ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ, ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ, ସେ ତରୁଣୀ। ରିକ୍ତାରେ ସେ ଯୋଗିନୀ ଓ ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ। ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କୁ ପୂଜା କରୁ। ଏହି ସମୟରେ ମା'ଦୁର୍ଗା ମହିଷାସୁରକୁ ବଧ କରି ଦେବତା ତଥା ମନୁଷ୍ୟମାନଙ୍କୁ ତାର ଅତ୍ୟାଚାରରୁ ରକ୍ଷା କରିଥିଲେ। ତେଣୁ ଆମେ ମା'ଦୁର୍ଗାଙ୍କୁ ଅସୁରଶକ୍ତିର ବିନାଶ କରି ପୃଥିବୀକୁ ଶାନ୍ତି ତଥା ଆନନ୍ଦ ପ୍ରଦାନ କରିବା ପାଇଁ ଏହି ବିଜୟର ପର୍ବ ପାଳନ କରୁ। ଆଉ ମଧ ଶ୍ରୀରାମଚନ୍ଦ୍ର ମା'ଦୁର୍ଗାଙ୍କୁ ପୂଜା କରି ଏହି ସମୟରେ ଲଙ୍କାର ରାଜା ରାବଣକୁ ବିନାଶ କରି ମା'ସୀତାଙ୍କୁ ଉଦ୍ଧାର କରିଥିଲେ। ସେହିଦିନ ଠାରୁ ଏହି ନବରାତ୍ରି ପର୍ବ ଆସୁରୀ ଶକ୍ତି ଉପରେ ଦୈବୀଶକ୍ତିର ବିଜୟର ପ୍ରତୀକ ସ୍ୱରୂପ ପାଳନ କରାଯାଏ। ପ୍ରତିବର୍ଷ ଆମେ ମା'ଦୁର୍ଗାଙ୍କୁ ପୂଜା କରୁଛୁ ଓ ରାବଣ ପୋଡ଼ି କରୁଛୁ। କିନ୍ତୁ ଆମ ସମାଜରୁ ଓ ଆମ ଭିତରେ ଥିବା ଆସୁରୀ ଶକ୍ତି ଦୂର ହେଉନାହିଁ। ଅନ୍ତରରେ ଗୋଟିଏ ଜ୍ଞାନ ଦୀପ ଜଳିଲେ ମନ ଭିତରୁ ଅଜ୍ଞାନ ରୂପକ ଅନ୍ଧକାର ଦୂର ହେବ। ସହସ୍ର ଇଲେକ୍ଟ୍ରିକ୍ ବଲବ ବା ବତୀ ଏ ଅନ୍ଧାର ଦୂର କରିପାରିବେ ନାହିଁ। ଆମେ ମା'ର ଶକ୍ତିରେ ନିଜକୁ ଆଲୋକିତ କରିବା। ସେ ପଦପଦବୀ ଛୋଟବଡ଼ ଦେଖନ୍ତି ନାହିଁ। ବର୍ଷକରେ ଥରେ ଏ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ତାଙ୍କର ସମସ୍ତ ସନ୍ତାନମାନଙ୍କୁ ଆଶୀର୍ବାଦ କରିବା ପାଇଁ। ତେଣୁ ଚାଲନ୍ତୁ ଆମେ ମା'ଦୁର୍ଗାଙ୍କୁ ପୂଜା କରିବା। ସେ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଓ ଆମ ଭିତରେ ଥିବା ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରନ୍ତୁ। 'ଓଁ କାତ୍ୟାୟନାୟ ବିଦ୍ମହେ କନ୍ୟକୁମାରି ଧୀମହି, ତନ୍ନୋ ଦୁର୍ଗିଃ ପ୍ରଚୋଦୟାତ୍'। ଆମେ ଆଦିଶକ୍ତି କାତ୍ୟାୟନୀଙ୍କର ଉପଲବ୍ଧି କରିବା। ଆମେ କନ୍ୟାକୁମାରୀଙ୍କର ଧାନ କରିବା, ଦୁର୍ଗା ଆମକୁ ଜ୍ଞାନାଲୋକ ପ୍ରଦାନ କରନ୍ତୁ। ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହକ୍ଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'


ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩


# ଶକ୍ତିର ପ୍ରତୀକ ଦେବୀ ଦୁର୍ଗା



### ଗୋପାଳ ମହାପାତ୍ର



ମନୁଷ୍ୟ ମନରେ ଦ୍ୱନ୍ଦ୍ୱ ଭରି ରହିଥାଏ। ଏହି ଦ୍ୱନ୍ଦ୍ୱ ବା ଅନ୍ତଃବିରୋଧ ଆଦର୍ଶ ଏବଂ ପତନର ପ୍ରେରକ ତତ୍ତ୍ୱ ଅଟେ । ଅନ୍ତର୍ବିରୋଧ ଚିନ୍ତନ ପାଇଁ ମଧ୍ୟ ଖୋରାକ ଯୋଗାଇଥାଏ । ନିର୍ଗୁଣ ଏବଂ ସଗୁଣ ଏହି ଭକ୍ତି-କାବ୍ୟର ଧାରା ଅଟନ୍ତି। ଏଥିପାଇଁ ଆମର କଥା ଏବଂ କାର୍ଯ୍ୟରେ ପାର୍ଥକ୍ୟ ଦେଖାଦେଇଥାଏ । ଆମ ଋଷି ମୁନିମାନେ ସେମାନଙ୍କ ଅନ୍ତର୍ଜ୍ଞାନରେ ଏ କଥାକୁ ଜାଣିଥିଲେ । ଏହି ଭେଦକୁ ବିଶ୍ୱର ଅନ୍ୟ ଦେଶର ସଭ୍ୟତା ମଧ୍ୟ ଏବେ ଜାଣିଲାଣି ଏବଂ ସେମାନେ ଭୌତିକ ପ୍ରଗତି ସହିତ ସାମାଜିକ ଓ ଆର୍ଥିକ ସମତା କଥା କହିବା ଆରମ୍ଭ କଲେଣି । ଏହି ଦ୍ୱନ୍ଦ୍ୱ ବା ଅନ୍ତଃବିରୋଧ ଦେବୀ ଦୁର୍ଗାଙ୍କର ନଅଟି ରୂପ ଅର୍ଥାତ ଆଦ୍ୟା ଶକ୍ତି ଅଟନ୍ତି । ଦୈବୀ ଶକ୍ତି ସେମାନଙ୍କୁ କୁହାଯାଏ ଯିଏ ମନୁଷ୍ୟର ଅନୁକୂଳ ଅର୍ଥାତ ଫଳଦାୟୀ ଏବଂ ଆସୁରିକ ଶକ୍ତି ସେମାନଙ୍କୁ କୁହାଯାଏ ଯିଏ ମନୁଷ୍ୟଣ ପ୍ରତିକୂଳ ବା ମନୁଷ୍ୟକୁ ହାନୀ ପହଞ୍ଚାଇଥାଏ। ନବରାତ୍ରୀର ଆୟୋଜନ ଦୁଇଟି ଋତୁର ପରିବର୍ତ୍ତନର ସମୟରେ ହୋଇଥାଏ । ଜୀବନରେ ପରିବର୍ତ୍ତନର ସ୍ୱୀକାର୍ଯ୍ୟର ଜ୍ୟୋତକ ହେଉଛି ନବରାତ୍ର। ଆଶ୍ୱିନ ମାସର ଶୁକ୍ଳପକ୍ଷରେ ନବରାତ୍ରର ଆୟୋଜନ କରାଯାଇଥାଏ। ଶୁକ୍ଳପକ୍ଷ ହେଉଛି ଅନ୍ଧକାରକୁ ବା ଅଜ୍ଞାନକୁ ଦୂର କରିବାର ପ୍ରତୀକ । ଅନ୍ୟପକ୍ଷରେ କୃଷ୍ଣପକ୍ଷ ଅନ୍ଧକାର ବା ଅଜ୍ଞାନର ବୃଦ୍ଧିର ପ୍ରତୀକ ଅଟେ । ପ୍ରତିମାସରେ ଉତ୍ସର୍ଜିତ ଏବଂ ବିଲୋପିତ ହେଉଥିବା ଏହି ଦୁଇପକ୍ଷ ଜୀବନର ସକାରାତ୍ମକ ଏବଂ ସକାରାତ୍ମକ ପକ୍ଷର ପ୍ରବୃତ୍ତି ଅଟନ୍ତି । ପ୍ରକୃତିଠାରୁ ଆରମ୍ଭ କରି ଜୀବନରେ ସବୁ ଜାଗାରେ ଅନ୍ତଃବିରୋଧ ବ୍ୟାପ୍ତ ହୋଇ ରହିଛି । ଏ ସବୁ ବିରୋଧଭାଷୀ ପକ୍ଷ ମଧ୍ୟରେ ସାମଞ୍ଜସ୍ୟ ଆଣିବାର କାର୍ଯ୍ୟ ଦୁର୍ଗା ହିଁ କରିଥାନ୍ତି । ମାର୍କଣ୍ଡେୟ ପୁରାଣରେ ପ୍ରକାଶ ଏବଂ ଶକ୍ତି ବାବଦରେ କୁହାଯାଇଛି ଯେ "ଦେବତାମାନେ ଏକ ପ୍ରକାଶ ପୁଞ୍ଜ ଦେଖିଥିଲେ ଯାହା ଏକ ବିଶାଳ ପର୍ବତ ସମାନ ପ୍ରଦୀପ୍ତ ଥିଲା । ସମ୍ପୂର୍ଣ୍ଣ ଆକାଶକୁ ଏହି ପ୍ରକାଶ ବ୍ୟାପିଯାଇଥିଲା । ପରେ ଏହି ପ୍ରକାଶ ପୁଞ୍ଜ ଏକ ପିଣ୍ଡରେ ପରିବର୍ତ୍ତିତ ହୋଇଥିଲା ଯାହା ଏକ ଶରୀର ରୂପରେ ଅସ୍ତିତ୍ୱକୁ ଆସିଥିଲା । କାଳାନ୍ତରରେ ଏହା ଏକ ସ୍ତ୍ରୀ ବା ନାରୀର ଶରୀର ଭାବେ ଆଶ୍ଚର୍ଯ୍ୟଜନକ ଢଙ୍ଗରେ ପରିବର୍ତ୍ତିତ ହୋଇଥିଲା । ଏହି ନାରୀ ଶରୀରରୁ ବାହାରୁଥିବା ଜ୍ୟୋତି ବା କିରଣ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ତିନିପୁରକୁ ଆଲୋକିତ କରିଥିଲା । ପ୍ରକାଶ ଏବଂ ଶକ୍ତିର ଏହି ସମନ୍ୱିତ ରୂପକୁ ଆଦି ଶକ୍ତି ବା ଆଦି ମାତା କୁହାଗଲା।" ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି ଯେ "ଅବ୍ୟକ୍ତରୁ ଉତ୍ପନ୍ନ ତିନିଟି ତତ୍ତ୍ୱ ଅଗ୍ନି, ଜଳ ଏବଂ ପୃଥିବୀର ତିନି ରଙ୍ଗ ସବୁ ବସ୍ତୁରେ ଅନ୍ତର୍ନିହିତ ହୋଇ ରହିଛି । ଏଣୁ ଏହା ସୃଷ୍ଟି ବା ଜୀବନର ମୂଳତତ୍ତ୍ୱ ଅଟେ। ପ୍ରକୃତିର ଏହି ଶକ୍ତି ଜୀବନର ଜନ୍ମ ଏବଂ ଏହାର ଗତିର ମୁଖ୍ୟ ଆଧାର ଅଟେ।"

ଏହି ଅବଧାରଣାରେ ଯେଉଁ ଦେବୀ ପ୍ରକଟ ହୋଇଥାନ୍ତି ସେହି ଦେବୀ ମହିଷାସୁର ମର୍ଦ୍ଦିନୀ ଅଟନ୍ତି । ପୁରାଣରୂପୀ ଏହି ଅବସ୍ଥା ସତ୍ତ୍ୱ, ରଜ ଏବଂ ତମୋଗୁଣରେ ରୂପାନ୍ତରିତ ହୋଇ ସୃଷ୍ଟିକୁ ସନ୍ତୁଳିତ ରଖିବାର କାର୍ଯ୍ୟ କରିଥାଏ । ଏଇଥିପାଇଁ ଦେବୀଙ୍କୁ ଆଦ୍ୟା ବା ଅସାଧାରଣ ଶକ୍ତି ବୋଲି କୁହାଯାଏ । ବିଶ୍ୱର ଏହି ଆଦ୍ୟା ବା ଜନନୀଙ୍କ ବିନା ଶିବ ମଧ୍ୟ 'ଶବ' ମାତ୍ର।

ଯେତେବେଳେ ବ୍ରହ୍ମାଣ୍ଡରେ ଶକ୍ତିର ବିଘଟନ ଘଟିଥାଏ ସେତେବେଳେ ଆସୁରୀ ଶକ୍ତି ପ୍ରକଟିତ ହୋଇଥାଏ । ଶକ୍ତି ଯେତେବେଳେ ଅବ୍ୟବସ୍ଥିତ ହୋଇଯାଏ ସେତେବେଳେ ଧ୍ୱଂସାତ୍ମକ ସ୍ଥିତି ଉପୁଜିଥାଏ। ଏବେ ବିଧ୍ୱଂସକାରୀ ବୈଜ୍ଞାନିକ ପ୍ରୟୋଗ କାରଣରୁ ବିଶ୍ୱରେ ଶକ୍ତିର ଧ୍ୱଂସାତ୍ମକ ରୂପ ଦେଖାଯାଉଛି । ଅରାଜକତା ଦେଖାଯାଉଛି ଓ ପରିବେଶର ନକାରାତ୍ମକ ସ୍ଥିତି ସୃଷ୍ଟି ଏପରିକି ଆସୁରିକ ଶକ୍ତି ବୃଦ୍ଧି ପାଇବାରେ ଲାଗିଛି । ଏହି ଶକ୍ତିକୁ ଅକ୍ଷୁର୍ଣ୍ଣ ରଖିବାର କାର୍ଯ୍ୟ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର କରିଥାନ୍ତି। ଦେବୀ ମହାତ୍ମ୍ୟରେ କୁହାଯାଇଛି ଯେ ଦେବତା ଏବଂ ଅସୁରମାନଙ୍କ ମଧ୍ୟରେ ଯେବେ ଯୁଦ୍ଧ ହୋଇଥିଲା ସେଇ ଯୁଦ୍ଧ ଶହେଦିନ ପର୍ଯ୍ୟନ୍ତ ଚାଲିଥିଲା । ଏହି ଯୁଦ୍ଧ ସମୟରେ ରାକ୍ଷସ ମହିଷ ଅସୁରମାନଙ୍କର ରାଜା ଥିଲା ଏବଂ ଦେବତାମାନଙ୍କର ଅଧିପତି ଥିଲେ ଇନ୍ଦ୍ର । ଯୁଦ୍ଧରେ ଅସୁରମାନେ ଦେବତାମାନଙ୍କୁ ପରାସ୍ତ କରିଥିଲେ । ଫଳରେ ରାକ୍ଷସ ମହିଷ ଦେବତାମାନଙ୍କର ରାଜା ପାଲଟି ଯାଇଥିଲା। ପରାଜିତ ଦେବତାମାନେ ପ୍ରଜାପତି ବ୍ରହ୍ମାଙ୍କ ନେତୃତ୍ୱରେ ବିଷ୍ଣୁ ଓ ଶିବଙ୍କ ପାଖକୁ ଯାଇଥିଲେ ଓ ପରାଜୟର କଥା ଶୁଣାଇଥିଲେ । ଏ କଥା ଶୁଣି ବିଷ୍ଣୁ ଓ ଶିବ କ୍ରୋଧିତ ହୋଇଥିଲେ । ବିଷ୍ଣୁ ତାଙ୍କ ମୁହଁରୁ ଏକ ଅକ୍ଷୟ ଶକ୍ତିର ଉତ୍ପନ୍ନ କରିଥିଲେ । ବ୍ରହ୍ମା ଏବଂ ଶିବ ମଧ୍ୟ ଅକ୍ଷୟ ଶକ୍ତିର ଉତ୍ପନ୍ନ କରାଇଥିଲେ । ଇନ୍ଦ୍ର ଓ ଅନ୍ୟ ଦେବତାମାନେ ମଧ୍ୟ ସେମାନଙ୍କ ଶକ୍ତି ପ୍ରକଟ କରାଇଥିଲେ । ଦେବତାମାନଙ୍କର ଏହି ଶକ୍ତି ପ୍ରବାହରେ ନକାରାତ୍ମକ ଶକ୍ତି ସକାରାତ୍ମକ ଶକ୍ତିରେ ପରିବର୍ତ୍ତତ ହୋଇଥିଲା ଓ ଦେବତାମାନଙ୍କର ଶକ୍ତି ଏକ ପର୍ବତ ଆକାର ଧାରଣ କରିଥିଲା । ଏଥିରୁ କାତ୍ୟାୟନୀ ପ୍ରକଟ ହୋଇଥିଲେ । କାତ୍ୟାୟନୀ ବା ଦୁର୍ଗାଙ୍କର ଏହି ରୂପକୁ ମହିଷାସୁର ମର୍ଦ୍ଦିନୀ ବୋଲି କୁହାଗଲା ।

ରାକ୍ଷସ ମହିଷ ଶକ୍ତିଶାଳୀ ଥିଲା । କିନ୍ତୁ ତା'ର ଆଚରଣ କ୍ରୁର ଥିଲା ଓ ତାହା ବ୍ରହ୍ମାଣ୍ଡର ଆଧାତ୍ମିକ ଆଧାରର ଅନୁକୂଳ ନଥିଲା । ଏହି କାରଣରୁ କାତ୍ୟାୟନୀ ବା ଦୁର୍ଗା ମହିଷକୁ ପଦଦଳିତ କରି ତାର ଅହଂକାରକୁ ଚୂନା କରି ଦେଇଥିଲେ । ମହିଷର ପ୍ରାଣ ନେଇଥିବା କାରଣରୁ ଦୁର୍ଗାଙ୍କୁ ମହିଷାସୁର ମର୍ଦ୍ଦିନୀ କୁହାଯାଏ । ଏଇଥିପାଇଁ ତାଙ୍କୁ ବ୍ରହ୍ମାଣ୍ଡର ଜନନୀ ବୋଲି କୁହାଯାଏ ଯାହା ପୃଥିବୀର ପ୍ରତୀକ । ବ୍ରହ୍ମାଣ୍ଡର ଅସ୍ତିତ୍ୱର ଏହା ହେଉଛି ବୀଜ । ପ୍ରକୃତିର ଏହି ରୂପକୁ ମାନବୀକରଣ କରାଯାଇ ଋକ୍‌ବେଦରେ କୁହାଯାଇଛି ଯେ "ଜ୍ଞାନର ସବୁ ବିଷୟ ଏବଂ କ୍ରିୟାକଳାପ ଅନ୍ତତଃ ଦେବୀଙ୍କର ରୂପ ଅଟେ ।" ସୃଷ୍ଟିର ସର୍ଜନାଠାରୁ ଆରମ୍ଭ କରି ଏଯାବତ୍ ସମୟ ପର୍ଯ୍ୟନ୍ତ ନାରୀଙ୍କୁ ମା'ର ରୂପ ଦିଆଯାଉଛି। ନାରୀ ତାଙ୍କର ଶକ୍ତିରେ ମନୁଷ୍ୟକୁ ମନୁଷ୍ୟତ୍ୱ ପ୍ରଦାନ କରିଥାନ୍ତି । ଏଥିରୁ ସ୍ପଷ୍ଟ ଯେ ଦୁର୍ଗା ହେଉଛନ୍ତି ମୂଳ ପ୍ରକୃତିର ସେହି ରୂପ ଯେଉଁଠାରେ ସମସ୍ତ ଶକ୍ତି ମମାହିତ ହୋଇ ରହିଛି ।


ରାମଚନ୍ଦ୍ରପୁର, ରଣପୁର,
ମୋ-୯୩୪୮୪୮୫୦୯୪





## ମା' ଆସୁଛନ୍ତି ପାର୍ବଣ ଆଣି

### ରମେଶ ଚନ୍ଦ୍ର ନାୟକ

ଶରତ ହସୁଛି ସୁନୀଳ ଆକାଶେ
ଧଳା ମେଘ ମାଳା ଭାଷେ
ମାଆ ଆସୁଛନ୍ତି ପାର୍ବଣ ଆଣିକି
କାଶତଣ୍ଡୀ ଫୁଲ ହସେ ।

ପ୍ରକୃତି ସୁନ୍ଦରୀ ସଜ ହୁଏ ନିଜେ
ଦେବୀ ଆଗମନ ଜାଣି
ସର୍ବେ ନରନାରୀ
ସେ ପ୍ରକୃତି କୋଳେ
ସଜାଇ ଦେଖାନ୍ତି ଠାଣୀ ।

ପୁଷ୍କରିଣୀ ଦିଶେ କାଚକେନ୍ଦୁ ଜଳ
ପଦ୍ମ କଇଁ ଫୁଲ ଫୁଟେ
କଅଁଳିଆ ଖରା ଶୀତଳ ଜୋଛନା
ସକାଳ ସଞ୍ଜରେ ବାଣ୍ଟେ ।

ବରଷାର ଧାର ହୋଇଥାଏ ଦୂର
ସଜ ହେଉଥାଏ ଶୀତ
ରାତି ଆସିଗଲେ ଘାସ ଗାଲିଚାରେ
ଶିଶିର ହୁଏ ଯେ ମୀତ ।

ଗାଆଁରୁ ସହର ଉଚ୍ଛୁଳି ଉଠିବ
ଆସୁଛି ପାର୍ବଣ ଋତୁ
ମାଆ ଦୁର୍ଗାଙ୍କର ପୂଜାର୍ଚ୍ଚନା ହେବ
ଆନନ୍ଦ ଉଲ୍ଲାସେ ମାତୁ ।

ସବୁ ଶକ୍ତିପୀଠ ପୂଜା ମଣ୍ଡପରେ
ଦିନ ରାତି ପୂଜା ହେବ
ପାପ ଦୂର କରି ପୂଣ୍ୟ ଭାବ ଭରି
ମନରେ ଶାନ୍ତି ସେ ଦେବ ।

କେତେ ଦୂର ସ୍ଥାନୁ ଲୋକେ
ଯେ ଆସିବେ
ପାର୍ବଣ ଖବର ପାଇ
ଭକ୍ତିରେ ପୂଜିବେ ମାଆ ଆସୁଛନ୍ତି
ଧରାକୁ ପାର୍ବଣ ନେଇ ।


+ କେଶରପୁର ,
ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦.


## ମାଆ ଆସୁଛନ୍ତି

### ଧ୍ରୁବ ଚରଣ ଘିବେଲା

ମାଆ ଆସୁଛନ୍ତି ବାରତା ଦେଲାଣି
ଏଠି ମରତେ ଶରତ
ପାର୍ବଣର ମାସ ଏ ଅଶିଣ ମାସ
ଜାଗିଛି ଆଜି ଉଷତ ।
ବାସି ଆସିଲାଣି ବାସ ଛୁଟିଲାଣି
ଫୁଟି ନାନା ଜାତି ଫୁଲ
କହେଶେଫାଳୀ ସେ ବାସନା ବିତରି
ଅଳପ ମୋ' ଆୟୁ କାଳ ।
କରିଲାଣି କାଶ ମରତରେ ବାସ
ପାର୍ବଣ ସୂଚନା ଦେଇ
ମାଆଙ୍କ ସ୍ୱାଗତ ପାଇଁ ରହିଅଛି
ସବୁଠି ପ୍ରସ୍ତୁତ ହୋଇ ।
ଚାମରହଲେଇ ମା'ଙ୍କ ସେବା ପାଇଁ
ବଳାଇଛି ମନ କାଶ
ଅଶିଣର ଫୁଲ ଫୁଟି ରହିଲେଣି
ମହକେଇ ଆସ ପାଶ ।
ଗାଆଁ ସହରର ପୂଜା ମଣ୍ଡପରେ
ମେଢ଼ ସଜା ଚାଲୁଅଛି
ମୃଣ୍ମୟୀ ମାଆଙ୍କ ପ୍ରତିମା ପ୍ରସ୍ତୁତି
କାମ ସରି ଆସୁଅଛି ।
ଶେଷ ସ୍ପର୍ଶ ଦେଇ ଜୀବନ୍ତ ଯେମିତି
ଦିଶିବେ ମା' ଦଶଭୁଜା
ଭଲ ମନ ନେଇ ଶିଳ୍ପୀ ଧ୍ୟାନେ ରହି
ମୂର୍ତ୍ତି ତିଆରନ୍ତି ତାଜା ଓ
ଆସିଯିବେମାଆ ସାହାହେବେ ମାଆ
ନାଶିବେ ଦୁଷ୍ଟ ପାଷାଣ୍ଡ
ହଟିଯିବ ଦୁଃଖ ଭରି ଦେବେ ସୁଖ
ଦୁଃଖ ହେବ ଖଣ୍ଡ ଖଣ୍ଡ ।
ରହିବେନି କେହି ଅଖିଆଅପିଆ
ମୁହଁରେ ଭରିବେ ଅନ୍ନ
ମାଆଙ୍କର କୃପା ଲଭିବେ ନିଶ୍ଚୟ
ମାଆ ହୋଇଲେ ପ୍ରସନ୍ନ ।
ମା'ଗୋ ଦଶଭୁଜା ହୁଅ ତୁମେ ସାହା
ଏତିକି କରୁଛି ଅଳି
ମର୍ତ୍ତ୍ୟେ ଅବତରି ସର୍ବ ଦୁଃଖ ହରି
ରଖ ମା' ପଣତ ପାରି ।


ବଉଦରାଜ -୭୬୨୦୧୪
(ମୋ)୯୪୩୭୪୭୮୪୬୬

# କବିତାମାଳା

## ମୋର ମୃତ୍ୟୁ ପରେ
### ତାରାପ୍ରସାଦ ଜେନା



ମୋର ମୃତ୍ୟୁ ପରେ କାଚ କାଢ଼ିଦେଲ
ସିନ୍ଦୂରକୁ ବିପର୍ଯ୍ୟସ୍ତ
ଫୁଲ ଶାଢ଼ି ଛାଡ଼ି ଧଳା ଶାଢ଼ି ପିନ୍ଧି
ସୁନ୍ଦରକୁ ଅପଦସ୍ତ ।
ଭୂତ ପ୍ରେତ ଛାୟା ପଡ଼ିବନି ବୋଲି
ସିଞ୍ଚିଦେଲ ଗଙ୍ଗାଜଳ
ସାରା ସଂସାରଟା କହିଦେଲ
ଖୋଲି ମୋହମାୟା ମିଛଖେଳ ।

ନିଜେ ସାଜିଥିଲ ବଡ଼ ପିଶାଚୁଣୀ
ଶୋଷିଥିଲ ରକ୍ତମାଂସ
ଦୁଃଖ ଜମା ନୁହେଁ ସୁଖ ମାଲିକାଣୀ
କରୁଥିଲ ଅଟ୍ଟହାସ ।
ସମାଧିରେ ବାରେ ଫୁଲ ଦେଇନାହଁ
ପକାଇଛ ଘୃଣା ଛେପ
ଏତେକାଳ ପରେ ଅସଲରେ ମୁହଁ
ଦେଖାଇଛ ବଦ୍ ରୂପ ।

ସାଥି ଛାଡ଼ିଦେଇ ସାଥି ବରିଲଣି କ୍ଲବ୍
ପାର୍କ ବରବାଦି
ବଡ଼ ଘର ବୋହୂ ସଂଯମତା ଭୁଲି
ପାପ ନର୍କ କାରସାଦି ।
ଭୋଜି ମଉଛବେ ପାଣି
ପରି ଟଙ୍କା ବୋହିଗଲା କୋଳାହଳ
ସ୍ୱାମୀ ଗଲା କ୍ଷଣି ଯାଇଅଛି ଶଙ୍କା
ଭାଗ୍ୟ ହେଲା ଅନୁକୂଳ ।

ଦୁଃଖ ସାହିତ୍ୟରେ ଭାବଲୁହ
ଧାର୍ଯ୍ୟ ଆଜୀବନ ହରକତ
ସୁଖ ସାଉଁଟାରେ ମନ ଦ୍ରୋହ
କାର୍ଯ୍ୟ ବହୁଦିନ କସରତ ।

♥ରାଜ ରଣପୁର,
ଜିଲ୍ଲା-ନୟାଗଡ଼, ଓଡ଼ିଶା
ମୋ: ୯୩୪୮୦୫୪୩୦୦

## ବୃଦ୍ଧାଶ୍ରମ
### ସୁମିତା ବେହେରା



ନିରବତାର ରଙ୍ଗ ମାଖି
ମୁଁ ପୁଣିଥରେ ଓହ୍ଲାଇବି
ଜ୍ୟୋତ୍ସ୍ନା ରଙ୍ଗର ହସରେ
ସବୁଠି, ସବୁବେଳେ
ଯଦିବା ପ୍ରତିଥର ପାଦ ପକାଇଲେ
କଣ୍ଟା ଫୁଟେ ପାଦରେ ।

ଧୀରେ ଧୀରେ ମୁଁ ବଞ୍ଚିବା ଶିଖୁଛି
ଅଭ୍ୟାସର କ୍ରୀତଦାସ ହେବା ଭୁଲିଛି
ଶୁଣାଯାଉଛି ଜୀବନର ଶବ୍ଦ
ମୋର ଆଉକିଛି ଦିନ
ବଞ୍ଚିବାର ବାକିଅଛି
ବିଛଣାତଳେ ପଡିଥିବା
ପରମାୟୁର କ୍ୟାଲେଣ୍ଡର ନୁହେଁ
ମୋ ହୃଦୟ କହୁଛି ।

ଉଦାସୀନତାର ତୀବ୍ରତା
ଆତୁର ଆକାଶ
ପ୍ରେମର ଶୈଳୀ
ଜମା ସରୁ ନ ଥିବା ଏ ଖେଳ ସହ
ମୁଁ ଏବେ ବେଶ୍ ପରିଚିତ ।
ଦେଖୁଛି କେବଳ
ସବୁବେଳେ ଦେଇ ଆସିଥିବା ହାତ
କେତେ ଲହୁଲୁହାଣ
ଅସହ୍ୟ ଯନ୍ତ୍ରଣା ତ
କେବଳ ସେତୁବନ୍ଧଟିଏ
ଏକୁଟିର ଧୂଆଁଳିଆ ନିଆଁଠାରୁ
ଆଖିକୋଣ ଯାଏ ।

ତୁମେ ଏବେ ଯାଅ
ଦେଖ, ମୋ ଚାରିପାଖରେ
କେତେ ଶ୍ୟାମଳ ଅରଣ୍ୟ
କେତେ ନୂତନତା,
ଚେନାଏ ଆକାଶର ଉଦାରତାରେ
କେତେ ମାଦକତା
ମୁଁ ଏଠାରେ ବେଶ୍ ଭଲରେ ଅଛି
ତୁମେ ଦେଇଥିବା ଏ ଅଚିହ୍ନା ଠିକଣା
ତୁମର ସବୁଠାରୁ ବଡ଼ ପ୍ରତିଦାନ
ଏ କଥା ମୋର ମନେଅଛି ।

♥କାଳିକାପୁର, ବାରିପଦା

## ହେ ଈଶ୍ୱର !
### ଡା. ମନୋରଞ୍ଜନ ଦାଶ



ହେ ଈଶ୍ୱର !
କାହିଁକି ମୋ ଭାରତ ଛାତିରେ
ପିଶାଚ ପ୍ରବୃତ୍ତି ଓ ଅସହିଷ୍ଣୁପଣକୁ ଓଜାଡୁଚି
ସେଇ ନୁଉଛୁଣା ପାକିସ୍ତାନ, ବାରମ୍ବାର।
ଅନ୍ୟାୟର କ'ଣ ସୀମା ନାହିଁ !
ତୁମେ କାହିଁକି ନୀରିବ ଯାଇଚ ହେ ! ଈଶ୍ୱର !
ରାବଣ, ମହିସାଶୂର,
ଦୁର୍ଯ୍ୟୋଧନ ଓ କଂସ ଆଦି
ଅସୁରମାନଙ୍କୁ ବିନାଶ କରିଚ ତ ତୁମେ !
ତୁମେ ଏବେ କ'ଣ ଶୁଣିପାରୁନ କି ଈଶ୍ୱର !
କେତେ କେତେ ନୀରିହ ପ୍ରାଣର
ଆକୁଳ ଚିତ୍କାର !
କେତେ ଶାନ୍ତିର ଦେଶ ଭାରତ୍ୱର୍ଷ ଆମର ।
ଏ ବିଶ୍ୱ ତା ପାରାବାର !
ହେଲେ... ସାମାନ୍ୟ ପାକିସ୍ତାନ,
ଆମ ମନ ଓ ପ୍ରାଣକୁ ଆଘାତ
ଦେଉଚି ବାରମ୍ବାର।
ମୋର କୋଟି ବିନତୀ ! ହେ ଈଶ୍ୱର !
ଶାନ୍ତିରେ ଜୀବନ ଜୀଇବାର ଅମୃତତ୍ୱରେ
ହଜିଯାଉ ଆମ ସମୟ
ହୋଇ ସରସ ସୁନ୍ଦର ।

♥ପ୍ରଭାବତୀ ନିଳୟମ୍, ବେଲତଳ
ପଟ୍ଟାମୁଣ୍ଡାଇ ଜି : କେନ୍ଦ୍ରାପଡ଼ା
ମୋ -୯୪୩୭୩୧୭୭୨୨

## ଗାଡି ଚାଲିଛି
### ଡ. ଅନିଲ ନନ୍ଦ



ଗାଡି ଚାଲିଛି
ହାଡ଼ଜଳା ଖରା ଆଉ
ଶୀତସଙ୍ଗେ ଧକ୍କାଖାଇ ବାରମ୍ବାର
କାଶ୍ମୀରରୁ କନ୍ୟାକୁମାରୀ ।

କୋଉଠୁ ଖଣ୍ଡେ
ଉଡ଼ି ଆସିଥିବା ବାଦଲ
ଅଟକାଇ ଦେବାକୁ ଆସି
ମିଶାଇ ଦେଉଛି ଗାଡ଼ି ଗତି ସଙ୍ଗେ
ନିଜର ଗତିର ଧାରୁଆ ଅଂଶ
ଛକରେ ଛିଡ଼ା ହୋଇଥିବା ଲୋକେ
ଆଲୋଚନାରେ ମଗ୍ନ ଗାଡ଼ିକୁ ନେଇ ।

ଗାଡ଼ିରେ ବସିଥିବା ଯାତ୍ରୀ
ଭାବି ନେଇଛନ୍ତି କେତେବେଳୁ
ପରିଚ୍ଛନ୍ନ ଆକାଶ ଭଳି ଝର୍କାକାଚ
ମିରର୍ ଛବି ଭଳି
ସମୟସବୁ ଫେରି ଯାଆନ୍ତି ପଛକୁ ।

କେତେଜଣ ହର୍ଷ ଶୁଣି ଆଶ୍ୱସ୍ତ
ବୋଧେ ହାତ ଟେକି ଇଙ୍ଗିତ କଲେ
ଶିଥିଳ ହେବ ଗାଡ଼ି ବେଗ
ବୋହି ପଡୁଥିବା ଝାଳ ଆଉ
ଦରଦୀ କଣ୍ଠର ଧ୍ୱନି ପାଇଁ
ଅଟକି ରହିବ ଗାଡ଼ି ।

ଗାଡି କିନ୍ତୁ ଅଟକି ଯାଏନି,
ଯେହେତୁ ଇନ୍ଧନ ପିଇ
ଗଡ଼ାଇ ଚାଲିଚି ଚକ
ବନ୍ଧୁର ବା ଅଙ୍କାବଙ୍କା ରାସ୍ତାରେ ।

ଏମିତି ଦେଖି ଆସୁଚି
ଅନେକ ପୀଡିତାଙ୍କ ଆତ୍ମଦାହ
ଏମିତି ଦେଖି ଆସୁଚି
ଦେଶ ପାଇଁ ଲଢୁଥିବା ସିପାହୀର
ହାତଗଢା କଫିନ୍ ।

ପ୍ରତିଶ୍ରୁତିର ବାନା ଉଡ଼ାଇ
କ୍ଷିପ୍ର ବେଗରେ ଗଡି ଯାଉଥିବା
ଏ ଗାଡିର ଅଭିଯାନ ଅବାରିତ
ରହିଲେ ରହିବ ସେଇଠି
ଯୋଉଠି ଇଞ୍ଜିନ ହୁଏ ମରାମତି
ନଚେତ୍ ସରି ଯାଉଥାଏ ଇନ୍ଧନ
କିମ୍ବା ଗାଡ଼ିକୁ ଭରସା କରି
ଠିଆ ହୋଇ ନଥାନ୍ତି କେହି
ଘାଟି ରାସ୍ତାର ଦୁର୍ଘଟଣାକୁ ଡରି ।

♥କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ -୯୯୩୭୮୪୩୩୬୮

## ସେ ବେଳ ମାଧବ ଆଜି ମାଧିଆ
### ଡକ୍ଟର କାଳିକିଙ୍କର



ସେ ବେଳ ମାଧବ ଆଜି ମାଧିଆ
ବେଳ କାଳ ସବୁ ଗୋଳମାଳିଆ
ଅସଂଜତ ମୁହଁ ନାଁ ସୁସ୍ମିତା
ଶାନ୍ତି ହୀନ ପ୍ରଶାନ୍ତ ତା ଭରତା
ଲବଙ୍ଗଲତା
ହିନ୍ଦୋଳର ହେଙ୍ଗୁ ଲାଗଇ ପିତା ।

ମାଧବ ଝୁରୁଛି କାଲିର କଥା
ମାଧିଆ ନାଚୁଛି ହେଇ ଥେଇଥା
ମିଛ ଆଜି ନାଚେ ଲଗେଇ ତାଳ
ସତ ଭାଙ୍ଗି ପଡେ ଉପରୁ ଡାଳ
ଏ କଳିକାଳ
ସୁବର୍ଣ୍ଣଭୂଇଁର ପୋଡା କପାଳ ।

ମାଧବ ଯେଉଁଠି ମାଧିଆ ହେଲା
ସେଇଠି ତ ରାଜା ନସିବ ବାଲା
ଜନତା ଯେଉଁଠି ଭୋଗୁଛି ଭାଗ୍ୟ
ସୁବିଧାବାଦରେ ନାଚେ ପ୍ରଚଣ୍ଡ
ଆରେ ନେପାଳ
ସୁଶୀଳା ଆସିଲେ ଡାକ ସୁଶୀଳ ।

ଅଫିସର ବାବୁ ସରକାରିଆ
ତାଙ୍କ ଦେଖାକଲା ଯେବେ ମାଧିଆ
କହିଲା ଏ ନାରୀ ଅଟେ ନାୟିକା
ତାଙ୍କ ପାଇଁ ଖୋଲ ଯେତେ ଝରକା
ନୀତି ଆଦର୍ଶ
ଯାଉ ହୋ ଚୂଲିକି ଚୁପ୍ କି ବସ ।
ସେ ବେଳ ମାଧବ ଆଜି ମାଧିଆ
କାନ୍ଦୁଥିବ ଦିନ ରାତି ଅଧିଆ
ସୁରୁଜକୁ ଜହ୍ନ ଦେଉଛି ଗ୍ରାସୀ
ନାୟିକା ମାଗୁଛି କାଙ୍କଡ଼ କଷି
ଦିଅ ହୋ ଦିଅ
ପାପପୁଣ୍ୟ ସବୁ ପୋଥିରେ ଥୁଅ ।

ହିନ୍ଦୋଳ ଥାନାରେ ଥିଲା ପୋଲିସି
ବାବୁଆଣି ଯାଇ ଦେଲେ ମାଲିସି
କହିଲେ ମାଧବ ନାମ ମାଧିଆ
ଆଜିଠାରୁ ହୁଅ ବୋଲକରିଆ
ନହେଲେ ସନ୍ଧି
ମିଛ ଆଇନରେ ଦିଅ ହେ ଛନ୍ଦି ।

ସେ ବେଳ ମାଧବ ଆଜି ମାଧିଆ
ହିନ୍ଦୋଳ ନାୟିକା ରସ ରସିଆ
କନ୍ଦଳ ବେଳକୁ ଅଣ୍ଟା ସଳଖି
ସବୁ ନାୟକଙ୍କୁ ଆଣୁଛି ଡାକି
ସତକୁ ପୋତ
ଖାଇବା ପୋଖରୀଯାକର ମାଛ ।

ଧରମ ସହିଲା ନାହିଁ
ମାଧବ ଫେରିଲା ଯହିଁ
ମାଧିଆକୁ ନେଇ
ନାୟିକା ଚତୁରୀ
ବାରପିଣ୍ଡା ହୁଏ ଧାଇଁ ।

♥ଯୋଗାଯୋଗ- ସୌଭାଗିନୀ ନିବାସ,
ରଟିଲୋ, ରେଞ୍ଚ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭

## ଠକିଗଲି
### ଦିବାକର ନାୟକ



ଭଲ ପାଇ ମୋତେ ଠକିଦେଲୁ ବୋଲି
ମରିବାକୁ ଦିନେ ନିଷ୍ପତ୍ତି ନେଲି
ଭାବିଥିଲି ସିନା ପାଇଯିବି ତୋତେ
ମରି ମୁଁ ଭାବୁଛି ଏ କଅଣ କଲି ।।

ଅତୃପ୍ତ ଆତ୍ମା ମୁଁ ଅଦୃଶ୍ୟରେ ତୋର
ଚାରିପାଖେ ଯେବେ ବୁଲିଲି ଘୁରି
ଦେଖିଲି ଖୁସିରେ ରଙ୍ଗ ବଦଳେଇ
ବୁଲୁଛୁ ନୂତନ ଶିକାର ଧରି
ମୋ କୁଇରେ ଶୋଇ ପ୍ରେମକୁ ଅମର
କରିଦେବୁ ବୋଲି ଭାବି ମୁଁ ଥିଲି...
ଭଲ ପାଇ ମୋତେ ଠକିଦେଲୁ ବୋଲି
ମରିବାକୁ ଦିନେ ନିଷ୍ପତ୍ତି ନେଲି ।।

ପ୍ରଣୟ ଭୋକର ନଈରେ ଭାସି ମୁଁ
ଭାବର ଗାଡିଆ ନ ଥିଲି ଖୋଜି
ମଉସୁମୀ ଛାଡ଼ି ମରୀଚିକା ପଛେ
ଧାଇଁବାର ଫଳ ଭୋଗୁଛି ଆଜି

ଜିଇଥାଇ ସିନା ଯାହା ମୁଁ କରନ୍ତି
ନିଜକୁ ମାରି ମୁଁ ହାରି ତ ଗଲି...
ଭାବିଥିଲି ସିନା ପାଇଯିବି ତୋତେ
ମରି ମୁଁ ଭାବୁଛି ଏ କଅଣ କଲି ।।

♥ପାଟପୁର, କନିସି, ଗଂଜାମ
ମୋ:୯୯୩୮୬ ୧୯୯୮୧

## ତୁମ ପାଇଁ
### ଲୋପାମୁଦ୍ରା ନାୟକ



ଏମିତି ଯଦି କେବେ ଦିନ ଆସେ,
ମାଗିବାକୁ କିଛି କହି ଜହ୍ନ ଲୁଚେ
ମାଗିନେବି ମୁଁ,
ତୁମ ପାଇଁ ଜହ୍ନଠୁ ତାର ଜ୍ୟୋତ୍ସ୍ନା
ସୂର୍ଯ୍ୟ ଠୁ ତା କିରଣ
ପୃଥିବୀ ତକ ଅଭିମାନ।

ସେ ବୁଝିପାରିବନି ସତରେ
ତା ନାଁ 'ରେ ମୁଁ ପାଳୁଛି କେବେଠୁ
ହଜାର ସ୍ୱପ୍ନ,
ସେ ଦେଖୁଥିବ,
ଚାହୁଁଥିବ,
ନିରବ ଜାଗରଟେ ହୋଇ
ମୁଁ ମାଗି ଚାଲିଥିବି ମୋ ପ୍ରେମର ଆୟୁଷ।
ସେ ହାଲକା ହେଉଥିବ
ମୁଁ ଗଭିର ହେଉଥିବି
ତୁମ ସହରରେ ପ୍ରେମର ପବନ ବହିଚାଲିଥିବ।

ଏଥର ଶରତ ଆକାଶେ,
ଗୋଟେ ମିଠା ଇନ୍ଦ୍ରଧନୁ ଦେଖିବ
ସେ ବି ତାର ନୁହେଁ ମୋର' ମୋର ଲାଗିବ।

ମୁଁ ବାନ୍ଧି ନେଉଥିବି ଗୋଟେ ପୃଥିବୀକୁ
ମୋ ପଣତରେ ଗଣ୍ଠି କରି।
ଥୁକୁଲ ଦେଇ ଅଟକାଇ ଦେଇଥିବି ସମୟ
ପୁଣି ସେଇ ରାସ୍ତାରେ,
ତୁମର ମୋର ଭେଟ ହେବ।

ଏଥର ମୁଁ ପଟ୍ଟା କରିନେଇଥିବି
ମୋ ଭାଗର ସବୁତକ ପ୍ରେମ,
ତୁମେ ସେଠି ଚିହ୍ନା !
ଜୁଳୁଜୁଳି ପୋକଟେ ତମ ଛାତିରେ ଛାଡି
ମୁଁ ମାପି ଚାଲୁଥିବି ମୋ ପ୍ରେମର
ଦୈର୍ଘ୍ୟ - ପ୍ରସ୍ଥ।
ଆକଳନ କରିଚାଲିଥିବି
ତୁମ' ମୋ ସମ୍ପର୍କର ଗୋଟେ କୋଣାର୍କ।

ମୁଁ ବୋଲି ଯଦି କେବେ କରେ ମୁକ୍ତ,
ପୂର୍ଣ୍ଣିମାଟେ ଆସିବା ଆଗରୁ
ଜହ୍ନକୁ ସମୁଦ୍ର କହିବି
ପାଣି ତକକୁ ପ୍ରେମ।

♥ କଳିଙ୍ଗନଗର, ଯାଜପୁର

## ଆସ ମାଆ ଦୟାମୟୀ
### ବିଳାସିନୀ ମହାପାତ୍ର



ମାଆଙ୍କର ସ୍ୱାଗତରେ ପ୍ରକୃତିର
ଅପୂର୍ବ ରୂପସମ୍ଭାର
ପରିବେଶ ସମ୍ପୂର୍ଣ ସ୍ୱଚ୍ଛ ଆକାଶ ନିର୍ମଳ
ବୃକ୍ଷଲତା ସଘନ ସବୁଜିମା ବିମଣ୍ଡିତ
ସରୋବରେ କୁମୁଦ କମଳ ବିକଶିତ
ନାହିଁ ଏବେ ଗ୍ରୀଷ୍ମର ଆତପ ବର୍ଷାର ପ୍ରକୋପ
ଆଉ ନାହିଁ ଶୀତର ତୁଷାର ପାତ
ଲାଗୁଛି ପଶୁପକ୍ଷୀ ବୃକ୍ଷଲତା ଉତ୍ସବରେ ରତ
ପଥପ୍ରାନ୍ତ କାସତଣ୍ଡିରେ ସୁଶୋଭିତ
ହସୁଛନ୍ତି ସ୍ୱଚ୍ଛ ସୌମ୍ୟ ନଦୀ ନିର୍ଝରିଣୀ
ରଙ୍ଗୀନ ଫୁଲପକା ସବୁଜ ସାଢି
ପରିହିତା ପ୍ରକୃତି ରାଣୀ
ପୁଷ୍ପାଞ୍ଜଳି ଧରି ଶୁସ୍ମିତ ବଦନେ ସ୍ୱାଗତ କଲାଣି
ଆସ ମାଆ ଦୟାମୟୀ,
ନିଷ୍ଠୁର ମଣିଷ ମନେ ଦୟାର
ସ୍ଫୁରଣ କରାଅ ଜଗତଜନନୀ
ତୁମ ଆଗମନେ ପ୍ରକୃତି ସୌମ୍ୟ ସୁନ୍ଦର
ପ୍ରେମାଶିକ୍ତ ଚରାଚର
ମଣିଷ କାହିଁ ସାଜିଛି ସୁପୁତ୍ର ଦାନବର
ଜୀବନଦାତ୍ରି କି ଚାହିଁ ପାରେ
କେବେ ଜୀବନ କାହାର ?
ପ୍ରକୃତିର ମାଧୁର୍ଯ୍ୟ ଛଟା ଉପରେ ରକ୍ତର ଛିଟା
ଶୁଭ୍ର କାସତଣ୍ଡି ମଳିନ,
ପଶୁପକ୍ଷୀଙ୍କ ବିକଳ କ୍ରନ୍ଦନ
ମଣିଷ ମନରେ କର ମାଆ
ଦୟାର ଅଙ୍କୁରା ରୋପଣ
ତୋ ନାଁ ରେ ମାନବର ଏ କି ଦାନବତା
ଦାନବ ଦଳିନି ହୋଇ କିଆଁ ତୋ ନିରବତା
ଦେବୀ ପୀଠରେ ରକ୍ତର ଦୁର୍ଗନ୍ଧ,
ରୁଣ୍ଡ ରୁଣ୍ଡ କବନ୍ଧ
ଅହିଂସା ପରମ ଧର୍ମ ଧର୍ମ ହିଂସା ତଦୋପରି
ଧର୍ମ ରକ୍ଷା ପାଇଁ ଅଛୁ ଅସ୍ତ୍ର ଧରି
ଜଗାଇ ଦିଅ ମାଆ ମାନବର ମାନବିକତା
ବୁଝାଇ ଦିଅ ଧର୍ମର ବାସ୍ତବିକତା
ମାନବର ପ୍ରାଣ ଗାଉ ଅହିଂସାର ଗାଥା
ମାନବର ପ୍ରାଣ ଗାଉ ଅହିଂସାର ଗାଥା ।

♥ଦର୍ପଣସାଗର ପଡା
ଭବାନୀପାଟଣା

## କାଶତଣ୍ଡୀ
### ସଦାଶିବ ବିଶ୍ୱାଳ



ଧାରା ଶିରାବଣେ ସ୍ନାନିତ ଧରା
ନିର୍ମଳ ନଭ, ଝର, ନଦୀଧାରା
କାଚକେନ୍ଦୁ ପରି ଜଳ ମଧ୍ୟେ
ପ୍ରକୃତି ମେଲିଛି ତା ଶୁଭ୍ର ପସରା

ପୁଷ୍କରିଣୀରେ ଶୁଭ୍ର କଇଁ
ରଚିଲାଣି ଶଶି ସାଥେ ରାସ
ନୀଳ ଆକାଶେ ଶୁଭ୍ର ମେଘମାଳା
ଧରାରେ ଶରତ ପ୍ରକାଶ

ନଦୀ ତଟେ ଶୁଭ୍ର କାଶତଣ୍ଡୀ
ହିମାଳୟ ଶିଖରରେ ବରଫ ଚାଦର
ଭ୍ରମ ଆଣେ ଯେପରି ବୁଢ଼ୁଛୁଆଁ ପକ୍ୱ ଶ୍ମଶ୍ରୁ
ଧ୍ୟାନ ରତ ବୃଦ୍ଧ ଯୋଗୀଟିର

ଶୀତଳ ସମୀର ଛୁଏଁ ତନୁ
କାଶତଣ୍ଡୀ ନୃତ୍ୟ କରେ ବିବିଧ ଢଙ୍ଗର
ଯେହ୍ନେ ସଂକୀର୍ତ୍ତନ ମଣ୍ଡଳୀ
ନୃତ୍ୟ କରନ୍ତି ନାମ ଜପରେ ବିଭୋର

ମାଟିତୋଳା ସରିଲାଣି ନଦୀତଟୁ
ମୃଣ୍ମୟ ଘଟେ ମାଆ ଦୁର୍ଗା ମନଲୋଭା
ଶୁଭ୍ର କାଶତଣ୍ଡୀ ଅଛି ଅପେକ୍ଷାରେ
କେବେ କରିବ ତା ଚାମର ସେବା

ଭାଗ୍ୟବତୀ କାଶତଣ୍ଡୀ
ଶରତ ରାଜ ମୁକୁଟ
ତା ବିନେ କବିର କବିତା ବେସୁରା
ଶବ୍ଦ ରହେ ଦୂରେ ନ ଆସେ ନିକଟ

ସ୍ରଷ୍ଟାର ବିଚିତ୍ର ବିଚାର ଅଜଣା
ହସାଏ କାଶତଣ୍ଡୀ ନଦୀର ପଠାରେ
ମଥା ହଲାଇ ସଂଗୀତରେ ଝୁମୁଥାଏ
ହସୁଥାଏ ଭିଜି ବିଭୁ କରୁଣାରେ ।

♥କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଅଙ୍ଗାରୁଆ, ଜିଲ୍ଲା - କେଉଁଝର

## ସେ ଆସିବ ବୋଲି
### ଡ. ଶୁଭେନ୍ଦୁ ମେହେର



ଏଥର ଫଗୁଣେ
ଆସିବ ବୋଲି କଥା ଦେଇଛି !

ସେ' ଆସିବବୋଲି.....
ସଜେଇ ହେଉଛି,
ଆଇନା ଦେଖୁଛି,
ଶାଢ଼ି, ଚୁଡ଼ି, ସିନ୍ଦୂର କିଣିଛି ।

ଚନ୍ଦ୍ଲି ପାହାଡ଼
ଘାଟି ରାସ୍ତାର ବୁଲାଣିରେ
ଫଟୋ ଉଠାଇବ ବୋଲି
ଶାଢ଼ି, ଚୁଡ଼ି ସବୁ ମେଚିଙ୍ଗ୍ କରିଛି ।
ଖଣ୍ଡିଆ ଦେଉଳ ଯିବବୋଲି
ଡ଼ଙ୍ଗାବାଲାକୁ ବଇନା ଦେଇଛି !
ପାତାଳିଗୁମ୍ଫା, ଦେବ୍‌ଝରନ୍ ?
ଦେଉଲ୍‌ଝରୀ ବୁଲିଯିବାକୁ ଜିଦ୍ ଧରିଛି ।

ସେ' ଆସିଲେ.....
କୋଇଲି ଗାଇବ
କୁରେଇଫୁଲ କହଁରିବ
ଆମ୍ବ, ଚାର ବଉଳ ଧରିବ
ସର୍ଗିଫୁଲ ରେଙ୍ଗାଲ୍ ଗଛରେ
ଦୋହଲିବା ପାଇଁ କଥା ଦେଇଛନ୍ତି ।

ତା' ଆସିବା ବାଟକୁ ମଳୟ ଜଗିଛି
ଫଗୁଣର ଫଗୁରଙ୍ଗେ ରଙ୍ଗେଇ ହେଇଛି।
ଫଲ୍‌ସା ଓ ସେମ୍‌ଲି ଫୁଲ
ରାସ୍ତାକଡ଼ରେ
ରଙ୍ଗିଆ ରଙ୍ଗର ରଙ୍ଗମାଖି
ରଙ୍ଗୀନ୍ ହୋଇଛନ୍ତି ।

ସେ' ଆସିବ ବୋଲି.....
ଟୁଆଁ ଟୁଇଁ ଏକାଠି ହେଲେଣି,
ଭଲିଆଖାଇ ଅଣ୍ଡା ଦବବୋଲି
କୋରଡ଼ ଖୋଜୁଛି, ମେରୁ ସବୁ
କେବେଠୁ କୋରଡ଼ ଭିତରେ
ଅଣ୍ଡାଧରି ବସିଲେଣି,
ହଳଦିବସନ୍ତ ପିଲାସବୁ
ଖଣ୍ଡିଉଡ଼ା ଦେଉଛନ୍ତି ।

ସେ' ଆସିବ ବୋଲି.....
ମୂକ କୋଇଲି ସବୁ
କାଉ ଗୁଡ଼ାରେ ଅଣ୍ଡାଦେଇ
ବସନ୍ତର ବାସନ୍ତୀ ସନ୍ଧ୍ୟାରେ
ପ୍ରେମର ଗଜଲ୍ ଗାଉଛନ୍ତି।

♥ଯାଲୋଏ, ସୁବର୍ଣ୍ଣପୁର

# ଉତ୍ତମ ଶିକ୍ଷକଟିଏ ଶିକ୍ଷାର୍ଥୀଙ୍କ ଭିତରେ ଥିବା ଭଲ ଗୁଣକୁ ସର୍ବଦା ଅନୁସନ୍ଧାନ କରିଥାଏ

## ଡ. ସନ୍ତୋଷ କୁମାର ରାଉତଙ୍କୁ 'ଶ୍ରୀ ଶିକ୍ଷାଜ୍ୟୋତି ସମ୍ମାନ'



ବାଲେଶ୍ୱର, ୨୨/୯ (ନି.ପ୍ର): ଶିକ୍ଷା, ଜ୍ଞାନ ଓ ଆତ୍ମବିକାଶ ସାଧନାର ଯାତ୍ରା 'ଶ୍ରୀ' ତରଫରୁ 'ଶ୍ରୀ ଶିକ୍ଷାଜ୍ୟୋତି ସମ୍ମାନ' ପ୍ରଦାନ ଉତ୍ସବ ଏକ ଶିକ୍ଷାମୟ ପରିବେଶ ଭିତରେ ବାଗ୍‌ବୃନ୍ଦାବନସ୍ଥ 'ଶ୍ରୀ' ଶିକ୍ଷା କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। 'ଶ୍ରୀ' ତରଫରୁ ତା'ର ଶିକ୍ଷାକକ୍ଷରେ ପ୍ରତିବର୍ଷ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଶିକ୍ଷା ଆଶିଷ' ପ୍ରଦାନ କରାଯିବାର ପରମ୍ପରା ରହିଅଛି। ପ୍ରଥମଥର ଚଳିତବର୍ଷଠୁ ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷା ଅନୁଷ୍ଠାନକୁ ଆନ୍ତରିକ ଓ ସମର୍ପିତ ଭାବନା ସହିତ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷକଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିବାର ସିଦ୍ଧାନ୍ତ ନିଆଯାଇଛି। ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ସନ୍ତୋଷ କୁମାର ରାଉତଙ୍କୁ ଚଳିତବର୍ଷ ଶ୍ରୀ କକ୍ଷରେ ଏକ ଶିକ୍ଷା ଉତ୍ସବରେ 'ଶ୍ରୀ ଶିକ୍ଷା ଜ୍ୟୋତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଅଛି।

ମୁଖ୍ୟଅତିଥି ଭାବେ ଯଦୁନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସଂକର୍ଷଣ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ କହିଲେ ଯେ ଶିକ୍ଷକର ବ୍ୟକ୍ତିଗତ ଜୀବନ ମଧ୍ୟ ବେଳେବେଳେ ଶିକ୍ଷାର୍ଥୀଙ୍କୁ ପ୍ରଭାବିତ କରିଥାଏ। ତେଣୁ ଉତ୍ତମ ଶିକ୍ଷକଟିଏ ସର୍ବଦା ନିଜସ୍ୱ ଅନୁଶାସନରେ ରହିବା ଆବଶ୍ୟକ। ଶିକ୍ଷାଦାନ ସହ ମଧ୍ୟ ଶିକ୍ଷକଟିଏ ଶିକ୍ଷାର୍ଥୀଙ୍କ ଭିତରେ ଥିବା ଭଲ ଗୁଣକୁ ସର୍ବଦା ଅନୁସନ୍ଧାନ କରିବାର ବ୍ରତୀ ହେଉ।

'ଶ୍ରୀ'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍ସବରେ ଡ. ସନ୍ତୋଷ କୁମାର ରାଉତଙ୍କୁ ମୁଖ୍ୟଅତିଥି 'ଶ୍ରୀ ଶିକ୍ଷାଜ୍ୟୋତି ସମ୍ମାନ-୨୦୨୫' ପ୍ରଦାନ କରିଥିଲେ। ସମ୍ମାନଗ୍ରହଣ କରି ଉତ୍ତରରେ ଡ. ରାଉତ କହିଲେ ଯେ ଶିକ୍ଷାର୍ଥୀମାନଙ୍କ ଭିତରେ ଭଲ ଭାବନା ଓ ଗୁଣକୁ ଅନୁସଂଧାନ କରି ତାଙ୍କ ଜୀବନ ଗଢ଼ିବା ଶିକ୍ଷକମାନଙ୍କ ଧର୍ମ। ଶିକ୍ଷାର୍ଥୀଙ୍କ ମନରେ ନୈତିକ ମୂଲ୍ୟବୋଧର ଭାବନା ଜାଗ୍ରତ କରି ସେମାନଙ୍କୁ ସତ୍‌ମାର୍ଗରେ ଆଗକୁ ନେଇପାରିଲେ ଏକ ଶୃଙ୍ଖଳିତ ଛାତ୍ର ସମାଜ ନିର୍ମାଣ କରିବା ସମ୍ଭବ ହେବ।

ପ୍ରାରମ୍ଭରେ ସଂପାଦକ ବିପ୍ଳବ ଦାସ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଂଯୋଜକ ପାର୍ଥସାରଥୀ ସାହୁ ଅତିଥି ପରିଚୟ ଓ ଅମରଜିତ୍ ଦାସ ଉତ୍ସବ ସଂପର୍କରେ କଥା ରଖିଥିଲେ। ପ୍ରତିମା ତ୍ରିପାଠୀ, ସରସ୍ୱତୀ ଭୋଇ, ସୁଜାତା ଦାସ, ସମ୍ମାନ ପ୍ରଦାନ ଉତ୍ସବକୁ ପରିଚାଳନା କରିଥିବାବେଳେ ମଧୁସୂଦନ ମିଶ୍ର ମାନପତ୍ର ପଠନ କରିଥିଲେ। ପ୍ରେୟସୀ ମହାପାତ୍ର, ରଂଜନା ଘୋଷ, ସୁପ୍ରଭା ଦଳେଇ, ରଶ୍ମିତା ଆଚାର୍ଯ୍ୟ, ଶୁଚିସ୍ମିତା ସାହୁ, ସଂଜୀବ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ଓ ଶେଷରେ ସନ୍ତୋଷ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିଅନସିପରେ ଉଜ୍ଜ୍ୱଳ ପ୍ରଦର୍ଶନ



ରାଉରକେଲା, ୨୨/୯ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଦୁଇଜଣ କର୍ମଚାରୀ ସେପ୍ଟେମ୍ବର ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରରେ ଅନୁଷ୍ଠିତ ୧୩ତମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ଅଲ୍ ଓଡ଼ିଶା ମୁକ୍ତ ସନ୍ତରଣ ପ୍ରତିଯୋଗିତାରେ ଉଜ୍ଜ୍ୱଳ ପ୍ରଦର୍ଶନ ସହକାରେ ଇସ୍ପାତ ସହର ପାଇଁ ଗୌରବ ଆଣି ଦେଇଛନ୍ତି।

ରୋଲ୍ ସପ୍ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ପ୍ରଦୀପ କୁମାର ବାରିକ ୫୦ ମିଟର ଫ୍ରିଷ୍ଟାଇଲ୍ ଏବଂ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରୋଲ ସପ ଇଲେକ୍ଟ୍ରିକାଲ୍ (ସିଇଏମ) ବିଭାଗର ଜୁନିଅର ଆସିଷ୍ଟାଣ୍ଟ ଟେକ୍ନିସିଆନ୍ ଶ୍ରୀ ରୁଦ୍ର ନାରାୟଣ ସାହୁ ୫୦ ମିଟର ଫ୍ରି ଷ୍ଟାଇଲ୍ ଏବଂ ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଗୀତା, ବେଦ, ଯୋଗ(ନିଃଶୁଳ୍କ) ପାଠଶାଳା ଏବଂ ସାରସ୍ୱତ ସାଧନା ସମନ୍ୱୟ ସମିତିର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି , ୨୨/୯ (ନି.ପ୍ର): ସାରସ୍ୱତ ସାଧନା ସମନ୍ୱୟସମିତି ନୀଳଗିରି ଓ ଗୀତା, ବେଦ, ଯୋଗ(ନିଃଶୁଳ୍କ) ପାଠଶାଳାର ବାର୍ଷିକଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତିବୈଠକ ରତ୍ନାକର ଟାଉନ ହାଇସ୍କୁଲ ବାଲିଗୋହିରୀ ସଭାଗୃହରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୋମନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ନୀଳଗିରିର ପ୍ରକୃତିବନ୍ଧୁ କୁହାଯାଉଥିବା ସମାଜସେବୀ ରାଜେନ୍ଦ୍ର ଜେନାଙ୍କ ବିୟୋଗରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମର ଆବାହକ ସୁଭାଷିନୀ ଜି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଆଗାମୀ ଅକ୍ଟୋବର ୫ତାରିଖ ବିଶ୍ୱ ଗୁରୁଦିବସ ପାଳନକୁ ନେଇ ବକ୍ତବ୍ୟ ରଖିଥିଲେ। ଆଲୋଚନା ପର୍ଯ୍ୟାଲୋଚନା ପରେ ଆଗାମୀ ନଭେମ୍ବର ୩୦ତାରିଖ ଉଭୟ ସାରସ୍ୱତ ସାଧନା ସମନ୍ୱୟସମିତି ଏବଂ ଗୀତା, ବେଦ, ଯୋଗ (ନିଃଶୁଳ୍କ) ପାଠଶାଳାର ବାର୍ଷିକ ଉତ୍ସବ କରାଯିବାକୁ ସର୍ବସମ୍ମତି ପ୍ରକାଶ ପାଇଥିଲା। ଏଥିସହିତ ଆଜିର ଏହି ବୈଠକରେ ସାରସ୍ୱତ ସାଧନା ସମନ୍ୱୟସମିତିର ନୂତନ କାର୍ଯ୍ୟକର୍ତ୍ତା। ଚୟନକରାଯାଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦବିହାରୀ ପଣ୍ଡାଙ୍କୁ ସଭାପତି, ହେମନ୍ତ କୁମାର ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି, ପ୍ରଭାକର ମହାନ୍ତି ଏବଂ ଶ୍ରୀମତୀ ଜ୍ୟୋତିର୍ମୟୀ ନାୟକ ଯୁଗ୍ମ ଉପସଭାପତି, ସୁଭାଷିନୀ ଜି ସମ୍ପାଦିକା, ସୁଶାନ୍ତ କୁମାର ମହାପାତ୍ର ଏବଂ ଚିତ୍ତରଞ୍ଜନ ପତି ସହସମ୍ପାଦକ ଭାବେ ଚୟନ ହୋଇଥିବାବେଳେ ସର୍ବଶ୍ରୀ ବ୍ରହ୍ମାନନ୍ଦ ଦାସ, ପ୍ରଭାକର ସାହୁ, ଖଗେନ୍ଦ୍ର ବେହେରା, ସୋମନାଥ ନାୟକ, ଜୟନ୍ତ କୁମାର ଷଡଙ୍ଗୀ, ଉତ୍ତମ କୁମାର ବିଶ୍ୱାଳ, ମନୋରଞ୍ଜନ ବେହେରା, ଶରତ କୁମାର ମହାପାତ୍ର, ମାୟାଧର ମହାନ୍ତି, ଶମ୍ଭୁନାଥ ମିଶ୍ର, ବିକାଶ ଆଚାର୍ଯ୍ୟ, ବିଶ୍ୱନାଥ ନାୟକ, ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ଉପଦେଷ୍ଟା ଭାବେ ଚୟନ ହୋଇଥିବା ଜଣାଯାଇଛି।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନରେ ଗଳ୍ପସାହିତ୍ୟ ଚର୍ଚ୍ଚା




ବାଲେଶ୍ୱର, ୨୨/୯ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଆଧୁନିକ ଓଡ଼ିଆ ଗଳ୍ପସାହିତ୍ୟ ସଂପର୍କରେ ଏକ ଚର୍ଚ୍ଚା ଆସର ଅନୁଷ୍ଠାନର ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଚର୍ଚ୍ଚା ଆସରକୁ ଉଦ୍‌ଘାଟନ କରି ଓଡ଼ିଶାର ଜଣେ ବରିଷ୍ଠ ଗାଳ୍ପିକ ତଥା ସାରଳା ପୁରସ୍କାରପ୍ରାପ୍ତ ଭୀମପୃଷ୍ଟିଙ୍କର ଅଗ୍ରଜ ଅର୍ଜୁନ ପୃଷ୍ଟି ଗୁଣାଢ୍ୟଙ୍କ ବୃହତ୍‌କଥା, ସୋମଦେବଙ୍କ କଥାସରିତ ସାଗର ଓ ବିଷ୍ଣୁଶର୍ମାଙ୍କ ପଞ୍ଚତନ୍ତ୍ରର କଥାସବୁକୁ ମୂଳଦୁଆ କରି ସଂସ୍କୃତ ସାହିତ୍ୟ ଓ ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟର ଗଳ୍ପ ବିଭାଗ ସମୃଦ୍ଧ ହୋଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଫକୀରମୋହନଙ୍କର ବିଭିନ୍ନ ଗଳ୍ପକୁ ଆଲୋଚନା କରି ତାହାର ଗୁରୁତ୍ୱ ମଧ୍ୟ ପ୍ରତିପାଦନ କରିଥିଲେ। ଗାଳ୍ପିକା ଦେବଯାନୀ ଦାସ ଓଡ଼ିଆ ଗଳ୍ପସାହିତ୍ୟର ବିକାଶକ୍ରମ ଓ ଶୈଳୀ ସଂପର୍କରେ ଆଲୋଚନା କରିବା ସଙ୍ଗେସଙ୍ଗେ ସାଂପ୍ରତିକ ଗଳ୍ପସମୂହର ଭିତ୍ତିଭୂମିର ଗଠନ ପ୍ରକ୍ରିୟା ଉପରେ ଚର୍ଚ୍ଚା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବପୁରସ୍କାରପ୍ରାପ୍ତ ଗାଳ୍ପିକ ସଂଜୟ କୁମାର ପଣ୍ଡା ମଧ୍ୟ ଓଡ଼ିଆ ଗଳ୍ପ ପୃଥିବୀର ଗଳ୍ପଭାଗ ସହ ସମାନ ଭାବରେ ଗତି କରି ସମୃଦ୍ଧ ହୋଇପାରିଛି ବୋଲି ମନ୍ତବ୍ୟ ଦେବା ସହିତ ନିଜର ଗଳ୍ପରଚନାର ଶୈଳୀ ସଂପର୍କରେ ଆଲୋଚନା କରିଥିଲେ। କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିବା ସଙ୍ଗେସଙ୍ଗେ ଗଳ୍ପ ସଂପର୍କିତ ଚର୍ଚ୍ଚା ଆମର ଗଳ୍ପରଚନା ପ୍ରବୃତ୍ତିକୁ ବଳିଷ୍ଠ କରିବ ବୋଲି ପ୍ରକାଶ କରିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଓ ଜୁମରନାଥ ପାତ୍ର କେତେଜଣ ଗାଳ୍ପିକ ଓ ଗାଳ୍ପିକାଙ୍କର ଗଳ୍ପଗୁଡ଼ିକୁ ସ୍ୱକୀୟ ଶୈଳୀରେ ସଂଯୋଜନା କରିଥିଲେ। ଆସରରେ ପ୍ରଭାକର ସାହୁ, ରାଜେନ୍ଦ୍ରନାଥ ରାଉତ, ବିଜୟ କୁମାର ଦାସଅଧିକାରୀ, ବିଜୟ କୁମାର ମହାନ୍ତି, ଦୀନବନ୍ଧୁ ଲେଙ୍କା, ସୁନାମଣି ଜେନା, ଅର୍ଚ୍ଚନା କର, କବିତା ଜେନା, ସୁବାସ ସ୍ୱାଇଁ, ସ୍ମୃତି ଦାସ ପ୍ରମୁଖ ସ୍ୱରଚିତ ଗଳ୍ପପାଠ କରିଥିବାବେଳେ ଡ. ଶିରୀଶଚନ୍ଦ୍ର ଜେନା, ଶରତ କୁମାର ମହାପାତ୍ର, ବେଣୁଧର ସାହୁ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଅନାଦି ଚରଣ ଜେନା, ପ୍ରଫୁଲ୍ଲ କୁମାର ଦାସ, କରୁଣାକର ସ, ଡ. ରମାକାନ୍ତ ନାୟକ, ମଦନମୋହନ ସାହୁ, ତ୍ରିନାଥ ନନ୍ଦୀ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବସ ଧକ୍କାରେ ୨କଲେଜ ଛାତ୍ରୀ ଆହତ, ଜଣେ ଗୁରୁତର

ଖଇରା, ୨୨/୯ (ନି.ପ୍ର): କୁପାରୀ-ଆଗରପଡା ରାସ୍ତାର ଖଇରା ଥାନା ଅଧୀନ ମା ଅମ୍ବିକା ମନ୍ଦିର ନିକଟରେ ଧର ଏଣ୍ଡ ଧର ନାମକ ବସ(ଓଡି୧୬ଏ୩୧୫୫) ଧକ୍କାରେ ଆଗରପଡା କଲେଜରେ ପଢୁଥିବା ୨ଜଣ ଛାତ୍ରୀ ଆହତ ହୋଇଥିବା ବେଳେ ଜଣକର ଅବସ୍ଥା ଗୁରୁତର ଅଛି। ଚିକିତ୍ସାପାଇଁ ତାଙ୍କୁ ପ୍ରଥମେ ଖଇରା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ଗୁରୁତର ଛାତ୍ରୀ ଜଣକ ଶୋଷ କାନପୁର ନିକଟସ୍ଥ କଖାରୁଗଡିଆ ଗ୍ରାମର ରଞ୍ଜିତା ଜେନା ବୋଲି ମେଡିକାଲ ରେକର୍ଡରୁ ଜଣାପଡିଥିବା ବେଳେ ସଜ୍ଞାହୀନ ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ଅନ୍ୟ ଆହତ ଛାତ୍ରୀ ଜଣକ ଖଇରା ମେଡିକାଲରେ ଚିକିତ୍ସା ପରେ ଘରକୁ ଫେରିଛନ୍ତି । ଖଇରା ପୋଲିସ ବସଟିକୁ ଥାନାକୁ ଆଣି ତଦନ୍ତ ଚଳାଇଛି ।

# ଟୁଙ୍ଗଲେଇସାହିରେ ନକଆଉଟ ଫୁଟବଲ ଟୁର୍ଣ୍ଣାମେଂଟ -୨୦୨୫ ଅନୁଷ୍ଠିତ

ଚମ୍ପୁଆ, ୨୨/୯ (ନି.ପ୍ର): ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ବସାସାହି ବି. ଏମ. ଟି କ୍ଲବ ଆନୁକୂଲ୍ୟରେ ଚତୁର୍ଥ ବର୍ଷ ନକଆଉଟ ଫୁଟବଲ ଟୁର୍ନାମେଂଟ-୨୦୨୫ ଟୁଙ୍ଗଲେଇସାହି ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ତିନି ଦିନ ଧରି ଅନୁଷ୍ଠିତ ଏହି ଖେଳର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଅଂଚଳର ଲୋକପ୍ରିୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହ ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ସୁଧୀର କୁମାର ସର୍ଦାର, ପହିଲି ନାଏକ, ନରୋତମ ମହାନ୍ତ, ପୂର୍ବତନ ସରପଂଚ ରାଜେନ୍ଦ୍ର ସାୟାଁ ଓ ଜର୍ମାନୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ତିନିଦିନ ଧରି ଅନୁଷ୍ଠିତ ଏହି ଖେଳ କାର୍ଯ୍ୟକ୍ରମକୁ କମିଟି ସଦସ୍ୟ ଶ୍ରୀକାନ୍ତ ମହାକୁଡ଼, ବହାଦୁର ମହାକୁଡ଼, ରାମରାୟ ମୁଣ୍ଡା, ମହାବୀର ସିଂ ଲାଗୁରୀ, ଦୀପକ ସାୟାଁ, ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ଓ ରାଜେଶ ସାୟାଁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମେ ଅତିଥି ମାନଙ୍କୁ ଗ୍ରାମର ମହିଳା ଓ ଜନ ସାଧାରଣ ସ୍ୱାଗତ ବନ୍ଦାପନା କରି ମଂଚକୁ ପାଛୋଟି ଆଣିଥିଲେ। ଶ୍ରୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଗ୍ରାମାଚଂଳ ଖେଳାଳୀ ମାନଙ୍କ କ୍ରୀଡା ପ୍ରତିଭାର ବିକାଶରେ ଭିତିଭୂମିର ସୁଦୃଢ଼ୀକରଣ ଓ ପ୍ରୋତ୍ସାହନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ରାଜ୍ୟ ସରକାର କ୍ରୀଡାକୁ ଗୁରୁତ୍ୱ ଦେବା ସହିତ ବିଜେପି ସରକାର ଖେଳ ପଡିଆର ଉନ୍ନତିକରଣ ଉପରେ ଧ୍ୟାନ ଦେଇ କ୍ରୀଡା ପ୍ରତିଭାକୁ ଉପଯୁକ୍ତ ଯଥା ସମ୍ମାନ ଦେଉଥିବା ଉଲ୍ଲେଖ କରିଥିଲେ। ଖେଳକୁ ରେଫ୍ରି ଭାବେ ଏମ.ଡି ହାଲିମ, ଶଙ୍କର ନାୟକ, ସନ୍ତୋଷ କୁମାର ମହାକୁଡ଼ ଓ ଯୋଗେନ୍ଦ୍ର ମାଝୀ ଖେଳ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ଆଖ ପାଖ ଜିଲ୍ଲାରୁ ପ୍ରାୟ ୩୨ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଆଦିତ୍ୟ ଇଲେଭେନ କଇଁତା ଓ ପଙ୍କଜ ଇଲେଭେନ ଧୂବଲାବେଡା ମଧ୍ୟରେ ଖୁବ ରୋମାଚଂକର ଖେଳ ଦେଖିବାକୁ ମିଳିଥିଲା। ଦୁଇଟି ଯାକ ଟିମର ଗୋଲ ସଂଖ୍ୟା ସମାନ ହୋଇଥିବାରୁ ପେନାଲଟି ମାଧ୍ୟମରେ ଆଦିତ୍ୟ ଇଲେଭେନ କଇଁତା ବିଜୟ ହୋଇଥିଲା। ବିଜେତା ଟିମ ମାନଙ୍କ ପାଇଁ ପ୍ରଥମ ପୁରସ୍କାର ୩୦,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୨୦,୦୦୦ ଟଙ୍କା ଏବଂ ତୃତୀୟ ଓ ଚତୁର୍ଥ ପୁରସ୍କାର ୧୦,୦୦୦ ହଜାର ଲେଖାଏଁ ଦୁଇ ଟିମକୁ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଖେଳକୁ ଉପଭୋଗ କରିବା ପାଇଁ ଦୂର ଦୁରାନ୍ତରୁ ବହୁ ସଂଖ୍ୟାରେ ଫୁଟବଲ ପ୍ରେମୀ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା।

## ଭୁଲ୍ ଚିକିତ୍ସା ତଥା ଚିକିତ୍ସାରେ ଅବହେଳା ଯୋଗୁଁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବଲାଙ୍ଗିର, ୨୨/୯ (ନି.ପ୍ର): ବଲାଙ୍ଗିର ସୁଦପଡା ଛକ ସ୍ଥିତ ହରିହର ହସପିଟାଲ ବିରୋଧରେ ଗୁରୁତର ଅଭିଯୋଗ ଆସିଛି। ଭୁଲ ଚିକିତ୍ସା ତଥା ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାର ବର୍ଗ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଗତ ଶୁକ୍ରବାର ଦିନ ବେଲପଡାର ବନୀତା ନାଗଙ୍କୁ ହରିହର ହସପିଟାଲରେ ଭର୍ତି କରାଯାଇଥିଲା । ତାଙ୍କ ଓଭାରି ଟ୍ୟୁମର ଥିବାବେଳେ ଅପରେସନ ହିଁ ଏକ ମାତ୍ର ରାସ୍ତା ବୋଲି ଡାକ୍ତର କହିଥିଲେ । ଶନିବାର ଦିନ ରୋଗୀଙ୍କ ଅପରେସନ ହୋଇଥିଲା । ରବିବାର ଦିନ ରୋଗୀ ପ୍ରବଳ ଯନ୍ତ୍ରଣା ଯୋଗୁଁ ଗୁରୁତର ହୋଇ ପଡିଥିଲେ । ବାରମ୍ବାର ଗୁହାରି କରିବା ସତ୍ୱେ ଡାକ୍ତର କିମ୍ବା ନର୍ସ ପାଖକୁ ଆସି ନଥିଲେ । ଶେଷରେ ନର୍ସ ଆସି ଏକ ଇଞ୍ଜେକସନ ଦେବା ପରେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତର ଓ ନର୍ସ ମିଶି ମୋ ମା'ଙ୍କୁ ମାରିଦେଲେ ବୋଲି ପୁଅ ପରୁଷୋତମ ନାଗ ବଲାଙ୍ଗିର ଟାଉନ ଥାନାରେ ଅଭିଯୋଗ କରିବା ସହ ନ୍ୟାୟ ଦାବୀ କରିଛନ୍ତି ।

# ଖଇରାକୁ ଏନଏସି ମାନ୍ୟତା ଦେବାକୁ ମନ୍ତ୍ରୀଙ୍କ ନିକଟରେ ବିଧାୟକଙ୍କ ଦାବି

ଖଇରା, ୨୨/୯ (ନି.ପ୍ର): ୮ଦିନର ନିରବତା ପରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଖଇରାକୁ ଏନଏସି ଘୋଷଣା ପାଇଁ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଦାବି ପତ୍ର ଦେବା ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଖଇରାକୁ ଏନଏସି ଘୋଷଣା ଆଶା ଉଜ୍ଜିବିତ କରିଛି । ସେପଟେ ଖଇରା ବ୍ଲକ ସମ୍ମୁଖରେ ଚାଲିଥିବା ଗଣଧାରଣା ୭ମ ଦିନରେ ପହଞ୍ଚିଥିବା ବେଳେ ଆନ୍ଦୋଳନ ପ୍ରତି ଜନ ସମର୍ଥନ ବଢିବାରେ ଲାଗିଛି । ପୁର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସମର୍ଥକଙ୍କ ସହ ଧାରଣାକାରୀଙ୍କୁ ଭେଟି ସବୁ ପ୍ରକାର ସମର୍ଥନ ଯୋଗାଇ ଦେବା କୁ ପ୍ରତିଶୃତି ଦେବା ସହ ଏନଏସି ଘୋଷଣା ନହେବା ପର୍ଯ୍ୟନ୍ତ ସେ ପ୍ରତିବାଦ ଜାରି ରଖିବେ ବୋଲି କହିଛନ୍ତି । ପୂର୍ବ ବିଜେଡି ସରକାର ସମୟରେ ଘୋଷିତ ୫୭ଟି ଏନଏସି ତାଲିକାରେ ଖଇରା ର ନାମ ଥିବା ବେଳେ ସରକାର ବଦଳିବା ପରେ ଭାଜପା ସରକାର ପୂର୍ବ ଘୋଷଣାକୁ ରଦ୍ଧ କରି ନୂଆ କରି ଘୋଷଣା କରିଥିବା ୨୮ଟି ସହର ମଧ୍ୟରେ ଖଇରାକୁ ବାଦ ଦେବା ଘଟଣାକୁ ଖଇରାବାସୀ ହଜମ କରି ପାରିନଥିଲେ । ସ୍ୱାଭିମାନ ମଞ୍ଚ ବ୍ୟାନରରେ ସମସ୍ତ ସଙ୍ଗଠନ ଏକଜୁଟ ହୋଇ ବ୍ଲକ ଗେଟ ସମ୍ମୁଖରେ ୧୫ତାରିଖରୁ ଗଣଧାରଣାରେ ବସି ରହିଛନ୍ତି ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ଜୟପୁର, ୨୨/୯ (ନି.ପ୍ର): କୋରାପୁଟ ଜିଲ୍ଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ପି.ଏମ. ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ପି.ଏମ. ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦ୍ୟାସା ପଣ୍ଡା, ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ହୋତା, ପି.ଏମ. ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା କର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କନିଷ୍ଠ ବର୍ଗରେ ଓଡିଶା ଆଦର୍ଶ ବିଦ୍ୟାଳୟ, ମାଛରା ର ଛାତ୍ରୀ, ସଦଭାବନା ମିଶ୍ର, ମାଲୁସାନ୍ତା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ସ୍ୱୟଂପ୍ରଭା ନନ୍ଦ, ଦୃଷ୍ଟି ବାଧିତ ଉଚ୍ଚ ବିଦ୍ୟାଳୟର ଛାତ୍ର ସାମୁଏଲ ହରିଜନ ଏବଂ ସେଂଟସ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତନ୍ମୟୀ ନାହାକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ରମେଶ ଚନ୍ଦ୍ର ସାହୁ, ଧରଣୀଧର ରଣା, ଚିତରଞ୍ଜନ ପାହାଡ଼ସିଂ ଯୋଗଦାନ କରି କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ ।

# ଉତ୍ପାଦନ, ଯୋଜନା ଏବଂ ନିୟନ୍ତ୍ରଣ ବିଭାଗର ୱେ ବ୍ରିଜ୍ ସେଣ୍ଟ୍ରାଲ୍ ସିଫ୍ଟ ଅଫିସରେ ନୂତନ ଉଦ୍ୟାନ 'ଆମ ବଗିଚା' ଉଦ୍‌ଘାଟିତ



ରାଉରକେଲା, ୨୨/୯ (ନି.ପ୍ର): ସେଲ ଆରଏସପିର ଉତ୍ପାଦନ, ଯୋଜନା ଏବଂ ନିୟନ୍ତ୍ରଣ ବିଭାଗର ୱେ ବ୍ରିଜ୍ ସେଣ୍ଟ୍ରାଲ୍ ସିଫ୍ଟ ଅଫିସ ରେ ଏକ ନୂତନ ରୂପେ ବିକଶିତ ଉଦ୍ୟାନ 'ଆମ ବଗିଚା'କୁ ପିପି ଆଣ୍ଡ ସି ବିଭାଗର ସିଜିଏମ ଶ୍ରୀମତୀ ସୁନିତା ସିଂହ ସେପଟ୍ଟେମ୍ବର ୧୬ ତାରିଖରେ ଉଦଘାଟନ କରିଥିଲେ। ଏହି ଅବସରରେ ପିପି ଆଣ୍ଡ ସି ବିଭାଗର ଜିଏମ ଶ୍ରୀ ସିଦ୍ଧାର୍ଥ ଆଚାର୍ଯ୍ୟ ଓ ଶ୍ରୀ ନୀଳାମ୍ବର ମହାଲିକ, ଅନ୍ୟ ବରିଷ୍ଠ ଅଧିକାରୀ ତଥା ପିପି ଆଣ୍ଡ ସି ବିଭାଗର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀମତୀ ସିଂହ ଏହି ଅବସରରେ ଏକ ଚାରା ରୋପଣ କରିଥିଲେ। ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉଦ୍ୟାନରେ ଚାରା ରୋପଣ କରିଥିଲେ। ଏହି ପଦକ୍ଷେପ ଅଧୀନରେ ପରିସର ମଧ୍ୟରେ ଫୁଲଗଛ ଏବଂ ବିଭିନ୍ନ ଅଳଙ୍କାରିକ ଗଛ ରୋପଣ ମାଧ୍ୟମରେ ବଗିଚାର ସବୁଜିମା ବୃଦ୍ଧି କରାଯାଇଛି, ଯାହା ଏକ ମନୋରମ ଏବଂ ସତେଜ କାର୍ଯ୍ୟ ପରିବେଶ ସୃଷ୍ଟି କରିଛି। ଏହା ସହିତ, ପରିସରରେ ଏକ ନୂତନ ଗେଟ୍ ସ୍ଥାପନ କରାଯାଇଛି। ଏହି ଗେଟ୍ କେବଳ ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି କରୁ ନାହିଁ ବରଂ କର୍ମଚାରୀମାନଙ୍କ ପାଇଁ ଉନ୍ନତ ସୁବିଧା ଏବଂ ଉନ୍ନତ କାର୍ଯ୍ୟ ପରିବେଶରେ ମଧ୍ୟ ଯୋଗଦାନ ଦେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜେଡିରେ ବଢୁଛି ବିଦ୍ରୋହର...

ମିଳିବା ପରିବେର୍ତ୍ତେ ହତାଦର ଓ ଅବହେଳା ପରିସ୍ଥିତିର ସାମ୍ନା କରିବାକୁ ପଡୁଛି । ନବୀନ ସମ୍ ହସ୍ପିଟାଲରେ ଥିବା ବେଳେ ସୌଜନ୍ୟତା ଦୃଷ୍ଟିରୁ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟନେତାମାନେ ସେମାନଙ୍କୁ ଦେଖିବା ପାଇଁ ଯାଇଥିଲେ । ସେଠାରେ ଶ୍ରୀ ସ୍ୱାଇଁଙ୍କୁ କିଭଳି ସମ୍ମାନ ମିଳିଲା, ତାହା ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲା । ଦିନ ଥିଲା, ନବୀନଙ୍କ ନେତୃତ୍ୱ ଥିଲା ସମସ୍ତ ପ୍ରଶ୍ନର ଉର୍ଦ୍ଧ୍ୱରେ – ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ । ତାଙ୍କ ନେତୃତ୍ୱ ନେଇ କାହାର କିଛି ଆପତ୍ତି ନଥିଲା । ତାଙ୍କର କଥା ଓ ହୁକୁମ ବେଦର ଗାର ଠାରୁ କମ୍ ଟାଣ ନଥିଲା । ତାଙ୍କ ବିରୋଧରେ ତୁଣ୍ଡ ଖୋଲିଲେ, ନିମିଷକ ମଧରେ ମୁଣ୍ଡ ଗଡୁଥିଲା । ଏତେ ପରିମାଣର ମୁଣ୍ଡ ଗଡ଼ିଲା ଯେ ଏବେ ଆଉ ସେହିଭଳି ବଡ଼ ମୁଣ୍ଡ ଗଡ଼ାଇବା ପାଇଁ କେହି ନାହାନ୍ତି । ଯେଉଁମାନେ କିଛି ଅଛନ୍ତି, ସେମାନଙ୍କ ମୁଣ୍ଡ ଗଡ଼ାଇଲେ କିଛି ନାହିଁ ବା ନଗଡ଼ାଇଲେ କିଛି ନାହିଁ । କାରଣ ସେମାନେ ବୟସର ଅପରାହ୍ନରେ ଅବତୀର୍ଣ୍ଣ ଅବା ସେମାନଙ୍କର ସାରା ଓଡ଼ିଶାରେ ସେମିତି କିଛି ପ୍ରଭାବ ନାହିଁ । କିଛି ଦିନ ପୂର୍ବରୁ ରାଜ୍ୟବାସୀ ଦେଖିଥିଲେ କିପରି ଅଧା ଡ଼ଜନ ପାଖାପାଖି ନେତା ନବୀନ ଓ ତାଙ୍କର ଏକାନ୍ତ ବିଶ୍ୱସ୍ତ ଭୈରବ କାର୍ତ୍ତିକେୟନ ପାଣ୍ଡିୟାନଙ୍କ ବିରୋଧରେ କିପରି ଅସନ୍ତୋଷ ଝାଡ଼ିଥିଲେ । ଏହି ତାଲିକାରେ ଏବେ ନାମ ଲେଖାଇଛନ୍ତି ଶ୍ରୀମୟୀ ମିଶ୍ର । ସୋସିଆଲ ମିଡିଆରେ ସେ ଯେଉଁ 'ଦୁର୍ଯ୍ୟୋଧନ' ଓ ସନ୍ନ୍ୟାସୀ' ଛାୟା ଚରିତ୍ରର ଅବତାରଣା କରିଛନ୍ତି, ତାହା ଆଜି ବିଜୁ ଜନତା ଦଳରେ କମ୍ପନ ସୃଷ୍ଟି କରିଛି । ଏହି ଦୁଇ ଛାୟା ଚରିତ୍ର ଯଥାକ୍ରମେ ନବୀନ ଓ ପାଣ୍ଡିୟାନଙ୍କୁ ସୂଚିତ କରୁଛି ବୋଲି ସମୀକ୍ଷକମାନେ ମନେ କରୁଛନ୍ତି । ଶ୍ରୀମୟୀଙ୍କ କଟାକ୍ଷ ବିଜୁ ଜନତା ଦଳର ଛବିକୁ ଯେତିକି କ୍ଷତି ପହଞ୍ଚାଇଛି ବା ନବୀନ ଓ ପାଣ୍ଡିୟାନଙ୍କ ନେତୃତ୍ୱକୁ ଯେଉଁଭଳି କାଠଗଡ଼ାରେ ଛିଡ଼ା କରାଇଛି, ପୂର୍ବରୁ ଏମିତି କେବେ କେହି କରିପାରିବାର ସାହସ ଜୁଟାଇ ପାରିନଥିଲେ । ହେଲେ ତାଙ୍କ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜେଡ଼ି ନେତୃତ୍ୱ ସାହସ କୁଳେଇ ପାରିଲେ ନାହିଁ । ଶୃଙ୍ଖଳା କମିଟି ବସିଲା, ହେଲେ ନିଷ୍ପତ୍ତି ହୋଇପାରିଲା ନାହିଁ । ଅବଶ୍ୟ ଆଗକୁ କାର୍ଯ୍ୟାନୁଷ୍ଠାନ ନହେବ ବୋଲି କହିହେବ ନାହିଁ । କଟାକ୍ଷ ମାଧମରେ ଶ୍ରୀମୟୀ ସାଙ୍କେତିକ ଭାବେ ଦେଇଥିବା ବାର୍ତ୍ତା ଠିକ୍ ବୋଲି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିବା ବିଜେଡ଼ିର ବର୍ତ୍ତମାନର ତୁଙ୍ଗ ନେତାମାନଙ୍କ ମୁଣ୍ଡବ୍ୟଥାରେ କାରଣ ହୋଇଛି । ଯଦି ଶ୍ରୀମୟୀଙ୍କ ବିରୋଧରେ କିଛି ବି କାର୍ଯ୍ୟାନୁଷ୍ଠାନ ନିଆଯାଏ, ତେବେ ଲୋକେ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିବେ । ଶ୍ରୀମୟୀ ବଲାଙ୍ଗୀର ସମେତ ପଶ୍ଚିମ ଓଡ଼ିଶାରେ ବିଜେଡ଼ି ପାଇଁ ବେଶ୍ ପରିଶ୍ରମ କରିଛନ୍ତି । ଗୋଟିଏ ସମୟରେ ସେ ବଲାଙ୍ଗୀରରୁ ବିଧାନସଭା ନିର୍ବାଚନ ଲଢିବେ ବୋଲି ଆଲୋଚନା ହେଉଥିଲା । ହେଲେ ପରିବାରବାଦ ରାଜନୀତିରେ ଅଧିକ ଭରସା କରୁଥିବା ନବୀନ ପଟ୍ଟନାୟକ ଅନଙ୍ଗ ଉଦୟ ସିଂହଦେଓଙ୍କ ପୁତ୍ର କଳିକେଶ ସିଂଓଦେଓଙ୍କୁ ସେଠାରେ ଟିକେଟ୍ ଦେବାରୁ ତାଙ୍କର ଆଶା ମଉଳିଯାଇଥିଲା । ଏହାପରେ ଭୁବନେଶ୍ୱର ସାଂସଦ ଆସନରୁ ତାଙ୍କୁ ଟିକେଟ୍ ଦିଆଯିବା ଲାଗି ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ରାଜନେତାମାନଙ୍କ ପୁତ୍ରମାନଙ୍କୁ ଏଠି ପୁଣିଥରେ କଂଗ୍ରେସ ନେତା ସୁର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟଙ୍କୁ ଟିକେଟ୍ ଦେଇ ତାଙ୍କୁ ଶେଷ ମୁହୂର୍ତ୍ତରେ ଏଥିରୁ ବଞ୍ଚିତ କଲେ ।

### ଟ୍ୟାକ୍ସି ଡ୍ରାଇଭର...

ଏହି ୪ ଜଣଙ୍କୁ ଗିରଫ କରାଯାଇଛି । ଜବ୍ ଦେବାକୁ କହି ଏମାନଙ୍କ ଠାରୁ ଟଙ୍କା ଓ ଡକ୍ୟୁମେଣ୍ଟ ନିଆଯାଇଥିଲା । ଟଙ୍କା ଓ ଡକ୍ୟୁମେଣ୍ଟ ଫେରସ୍ତ ପାଇଁ ଏମାନେ ବିଦ୍ୟାଧରକୁ କହୁଥିଲେ । ହେଲେ ବିଦ୍ୟାଧର କିନ୍ତୁ ଧରାଛୁଆଁ ଦେଉନଥିଲେ । ଏଥିପାଇଁ ଗତ ୧୫ ତାରିଖରେ ତାଙ୍କୁ ଅପହରଣ କରାଯାଇଥଇଲା । ଏହି ଘଟଣାରେ ୮ ରୁ ଅଧିକ ଲୋକଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଛି । ଅନ୍ୟ ଅଭିଯୁକ୍ତ ମାନେ ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ରେଡ କରୁଛି । ଖାଲି ସେତିକି ନୁହେଁ ଉକ୍ତ ମାଡାମଙ୍କ ନାଁରେ ମଧ ସମାନ ଦଫା ଲଗା ଯାଥିବା ମଧ କହିଛନ୍ତି ପୋଲିସ କମିଶନର । ସୂଚନା ଥାଉ କି, ଅପହରଣକାରୀମାନେ ଟଙ୍କା ନ ପାଇବାରୁ ଗତ ୧୫ ତାରିଖରେ ବିଦ୍ୟାଧରଙ୍କୁ ଅପହରଣ କରି ନେଇଥିଲେ । ଏହା ପରେ ୨ କୋଟି ଟଙ୍କା ମୁଣ୍ଡ ଜାମିନ ରଖିବା ସହ ଯାଜପୁର ଅଞ୍ଚଳରେ ଏକ ଘରେ ଅଟକ ରଖିଥିଲେ । ଘରେ ଅଟକ ରଖିଥିବା ବେଳେ ସେଠାରୁ ଖସି ନ ପାରିବା ଓ ନେଇଥିବା ଟଙ୍କା ଫେରସ୍ତ କରି ନପାରିବା ଦେଖି ବିଦ୍ୟାଧର ଆତ୍ମହତ୍ୟା କରିଥିଲେ । ନିଜ ପାଖରେ ଥିବା ଧଳା ଗାମୁଛାରେ ଫ୍ୟାନରେ ଝୁଲି ପଡିଥିଲେ । ବିଦ୍ୟାଧର ଆତ୍ମହତ୍ୟା କରିଥିବା ଦେଖି ହଡବଡେଇ ଯାଇଥିଲେ ଅପହରଣକାରୀ । ଶେଷରେ ଅନ୍ୟ ଉପାୟ ନ ପାଇ ମୃତଦେହକୁ ଟ୍ୟାକ୍ସିରେ ଆଣି ଚନ୍ଦକା ଅଞ୍ଚଳରେ ଫୋପାଡି ଚାଲିଯାଇଥିଲେ । ପୁରା ଘଟଣାରେ ଟଙ୍କା ନେଇ ଫେରାର ଅଛନ୍ତି ଜ୍ୟୋତ୍ସ୍ନା ମ୍ୟାଡାମ୍ । ଯିଏକି ଚାକିରି ଦେବାକୁ କହି ଠକେଇ କରୁଥିଲେ ଠ । ଗଢିଥିଲେ ଠକେଇ ଗ୍ୟାଙ୍ଗ । ଯାହାର ସଦସ୍ୟ ଥିଲେ ମୃତ ଟ୍ୟାକ୍ସି ଡ୍ରାଇଭର୍ ବିଦ୍ୟାଧର ।

### ଭିଜିଲାନ୍ସ ଜାଲରେ ...

୪୪.୨୧ କୋଟି ଟଙ୍କାର ବ୍ୟାଙ୍କ ଜମା ଏବଂ ୪୩.୦୨ କୋଟି ଟଙ୍କାର ବିମା ରାଶି ଅନ୍ତର୍ଭୁକ୍ତ । ସେହିପରି ମୋଟ ୭୮୫ ଜଣଙ୍କ ବିରୋଧରେ ଅଭିଯୋଗ ଦାଖଲ ହୋଇଛି । ସେମାନଙ୍କ ମଧରୁ ୧୭୦ ଲୋକଙ୍କୁ ଦଣ୍ଡିତ କରାଯାଇଛି ।

# ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ "ସେବା ପର୍ବ ୨୦୨୫" ପାଳିତ

ଖୋର୍ଦ୍ଧା, ୨୨/୯ (ନି.ପ୍ର): ସଂସ୍କୃତି ମନ୍ତ୍ରଳାଳୟ, ଭାରତ ସରକାରଙ୍କ "ସେବା ପର୍ବ ୨୦୨୫" ପାଳନ ଅବସରରେ ଆଜି ୨୦ ସେପଟ୍ମେର ୨୦୨୫ ରେ ଜିଲ୍ଲା ପ୍ରଶାସନ, ଖୋର୍ଦ୍ଧା ପକ୍ଷରୁ "ବିକଶିତ ଭାରତ ୨୦୪୭" ବିଷୟକୁ ଆଧାର କରି ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ୩ଟି ବିଭାଗରେ ଆୟୋଜନ କରାଯାଇଥିଲା । ବିଦ୍ୟାଳୟ ସ୍ତରୀୟ ଚିତ୍ରକାଳ ପ୍ରତିଯୋଗିତା ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ଠାରେ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା ଠାରେ ଓ ବୃତ୍ତିଗତ ଚିତ୍ରକଳା ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, ଖୋର୍ଦ୍ଧା ଠାରେ ଆୟୋଜିତ କରାଯାଇଥିଲା । ବିଦ୍ୟାଳୟ ସ୍ତରୀୟ ଚିତକଳା ପ୍ରତିଯୋଗିତାରେ ମୋଟ ୩୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ, ସେମାନଙ୍କ ମଧରୁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଖୋର୍ଦ୍ଧାର ନବମ ଶ୍ରେଣୀର ଛାତ୍ରୀ ଟିକିରାଣୀ ଦାସ ପ୍ରଥମ ସ୍ଥାନ, ଡି. ଆର. ସ୍କୁଲ, ନୟାପଲ୍ଲୀ ର ଛାତ୍ର ବିଶ୍ୱରଞ୍ଜନ ମହାରଣା ଦ୍ୱିତୀୟ ସ୍ଥାନ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁକୁନ୍ଦପ୍ରସାଦ ର ଅଷ୍ଟମ ଶ୍ରେଣୀର ଛାତ୍ରୀ ରାଜଲକ୍ଷ୍ମୀ ସାମଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ମହାବିଦ୍ୟାଳୟ ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ରେ ମୋଟ ୪୮ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧରୁ ଧଉଳି ଚାରୁ ଓ କାରୁ କଳା ମହାବିଦ୍ୟାଳୟ ର ଛାତ୍ର ଦୀପକ କୁମାର ଜେନା ପ୍ରଥମ ସ୍ଥାନ, ଏକାମ୍ର ମହାବିଦ୍ୟାଳୟ, ଭୁବନେଶ୍ୱରର ଛାତ୍ର ଜି. ଅମନ ରାଓ ଦ୍ୱିତୀୟ ସ୍ଥାନ ଏବଂ ମଦୁଇ ଜଣ ଯଥା ଧଉଳି ଚାରୁ ଓ କାରୁ କଳା ମହାବିଦ୍ୟାଳୟ ର ଛାତ୍ର ପ୍ରକାଶ ପରିଡା ଓ କମଳକ୍ଷ ନେହେରୁ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର ର ଛାତ୍ରୀ କଲ୍ୟାଣୀ ସାହୁ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିବା ବୃତ୍ତିଗତ ଚିତ୍ରକଳା ପ୍ରତିଯୋଗିତାରେ ମୋଟ ୧୦ ଜଣ ଚିତ୍ର ଶିଳ୍ପୀ ଅଂଶ ଗ୍ରହଣ କରିଥିଲେ, ସେମାନଙ୍କ ମଧରୁ ସ୍ଥାନୀୟ ପୋଷ୍ଟ ଅଫିସ ଲେନ, ଖୋର୍ଦ୍ଧା ର ଅନୁପମ ମହାନ୍ତି ପ୍ରଥମ ସ୍ଥାନ, ସହିଦ ଲକ୍ଷ୍ମଣ ନାୟକ ବେହେରା ସାହି, ଆଇ. ଆର. ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱରର ବିଜୟ କୁମାର ମଲ୍ଲିକ ଦ୍ୱିତୀୟ ସ୍ଥାନ ଓ ସ୍ଥାନୀୟ ଜଜାରସିଂହ, ଉପରସାହି, ଖୋର୍ଦ୍ଧାର ଲଲାଟ କିଶୋର ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

# ସାର୍ବଜନୀନ ଦୁର୍ଗାପୂଜା ପାଇଁ ଜଳେଶ୍ୱର ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

ଜଳେଶ୍ୱର, ୨୨/୯ (ନି.ପ୍ର): ଚଳିତ ବର୍ଷ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ନିମନ୍ତେ ଜଳେଶ୍ୱର ପ୍ରଶାସନର ଶାନ୍ତି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆଜି ଜଳେଶ୍ୱର ନୂଆବଜାର ସ୍ଥିତ ମୁରଲୀ କଲ୍ୟାଣ ମଣ୍ଡପ ଠାରେ ଅପରାହ୍ନ ୪ ଟା ସମୟରେ ଜଳେଶ୍ୱର ଥାନାର ଆଇଆଇସି ଜୟନ୍ତ କୁମାର ବେହେରାଙ୍କ ଆହ୍ୱାନରେ ଏସ୍ଡିପିଓ ସୁବ୍ରତ କୁମାର ବେହେରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ପୌରାଧକ୍ଷ ପ୍ରତିପ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିଧି ବେହେରା, ଅବକାରୀ ସବ ଇନ୍ସପେକ୍ଟର ଚନ୍ଦନ ନାୟକ, ଇଲେକ୍ଟ୍ରି ଏସଡିଓ ବିଦ୍ୟାଧର ପଣ୍ଡା, ଇଲେକ୍ଟ୍ରି ଜେଇ ଗଙ୍ଗାଧର ଭୂୟାଁ ଅତିଥି ଭାବେ ଯୋଗ ଦେଇ ଜଳେଶ୍ୱର ସହର ଏକ ଭାଇଚାରିଆ ସହର ତେଣୁ ସମସ୍ତ ପୂଜା କମିଟି ଶାନ୍ତି ଶୃଙ୍ଖଳା ସହିତ ପୂଜା ଯେମିତି ସମ୍ପୂର୍ଣ୍ଣ କରିବେ ସେଥିପାଇଁ ଆହ୍ୱାନ ଦେଇଥିଲେ । ସରକାରୀ ମାର୍ଗଦର୍ଶିକା ଅନୁଯାୟୀ କିଭଳି ସୁରୁଖୁରୁରେ ଦୁର୍ଗା ପୂଜା ଆୟୋଜିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇ ଥିଲା । ପାଣ୍ଡାଲରେ ପୂଜା ନିମନ୍ତେ ଆବଶ୍ୟକୀୟ ଅନୁମତି ପାଇଁ ଜଳେଶ୍ୱର ପ୍ରଶାସନ ନିକଟରେ ଆବେଦନ କରିବାକୁ ପଡିବ । ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ଅନ୍ୟାନ୍ୟ ନିୟମ ମଧ ପୂଜା କମିଟିମାନଙ୍କୁ ମାନିବାକୁ ପଡିବ । ସେହିପରି ପୂଜା ପରେ ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳା ସହ ପାଳନ କରିବେ । ନିୟମର ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରଶାସନିକ ଅଧିକାରୀ ମାନେ କହିଥିଲେ । ଏହି ପ୍ରସ୍ତୁତି ବୈଠକରେ ଜଳେଶ୍ୱର ଅଂଚଳରୁ ୩୭ ଟି ପୂଜା କମିଟିର ସଭାପତି ସମ୍ପାଦକ ତା ଛଡା ବରିଷ୍ଠ ଆଇନଜୀବ ସତ୍ୟସୁନ୍ଦର ଦାସ, ଓକିଲ ସଙ୍ଘର ସଭାପତି କୁଞ୍ଜବିହାରୀ ଦାସ, କମଳ ଚକ୍ରବର୍ତ୍ତୀ, ସୁକୁମାର ରଣା, ବଜାର କମିଟି ସଭାପତି ସୁଧିର ମହାନ୍ତି, ଲକ୍ଷ୍ମଣନାଥ ପଞ୍ଚାୟତ ସମିତି ସଭ୍ୟ ଜିତେନ୍ଦ୍ର ଦାସ, ରାଜିବ ପରିଡ଼ା, ଅଶୋକ ଦାସ, ଚନ୍ଦନ କର, କାଉନସିଲର ମୀର ଆବାସ ଅଲ୍ଲୀ, ପଦ୍ମଲୋଚନ ବେହେରା, ଆଇନଜିବି ଦ୍ୱେକାନ୍ତ କାଷ୍ଟ, ସମସ୍ତ ସାମ୍ବାଦିକ, ସମସ୍ତ ସମାଜ ସେବୀ କାଉନସିଲର ସୁରଜ୍ ଚୌରାସିଆ, ଗୋବିନ୍ଦ ସାହୁ ପ୍ରମୁଖଙ୍କ ସହ ସମସ୍ତ କାଉନସିଲର, ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଅନେକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏ ବର୍ଷ ପୂଜାରେ ଅଧିକ ଭିଡ଼ ହେବାକୁ ଲକ୍ଷ୍ୟ କରି ପୋଲିସ ପ୍ରଶାସନ ପକ୍ଷରୁ କଡା ନଜର ରଖାଯିବ ବୋଲି ଆଇଆଇସି ଜୟନ୍ତ କୁମାର ବେହେରା କହିଥିଲେ ।

## ୟୁଜିଏଚ୍ଏସ୍ ଚିକଲ ବାହାଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗିର, ୨୨/୯ (ନି.ପ୍ର): ୟୁଜିଏଚ୍ଏସ୍ ଚିକଲ ବାହାଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରାଟେ କୋଚ ତଥା ପରିବେଶ ପ୍ରେମୀ ଅସୀମ କୁମାର ଭୋଇ ନିଜ ଉଦ୍ୟମରେ ଆଜି ଚିକଲ ବାହାଲ ସ୍କୁଲ ପରିସରରେ ୨୯ଟି ଚାରା ରୋପଣ କରିଛନ୍ତି । ଯୁବ ସମାଜ ସେବୀ ତଥା ଅସୀମ ଭୋଇଙ୍କ ଏଭଳି ଉଦ୍ୟମକୁ ସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ପଧାନ ପ୍ରଶଂସା କରିଛନ୍ତି । ପ୍ରକାଶ ଥାଉ କି, ରାଜ୍ୟ ସରକାର ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ସଂଗଠନ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜର ସଭାପତି ଅଟନ୍ତି ଅସୀମ ଭୋଇ । ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ନିଜ ବାଡିରେ ଗୋଟିଏ ଲେଖାଏଁ ଗଛ ଲଗାଇବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଢିବା ପାଇଁ ଶ୍ରୀ ଭୋଇ ଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଆୟୋଜିତ ହେଲା ପ୍ରାଥମିକ ବୃତ୍ତି ପରୀକ୍ଷା

ମାଲକାନଗିରି, ୨୨/୯ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲାରେ ପ୍ରାଥମିକ ବୃତି ପରୀକ୍ଷା ଆୟୋଜିତ ହୋଇଛି । ମାଧମିକ ଶିକ୍ଷା ପରିଷଦ କଟକଙ୍କ କାର୍ଯ୍ୟସୂଚୀ କ୍ରମେ ମାଲକାନଗିରି ଜିଲ୍ଲାରେ ସମସ୍ତ ୭ ଗୋଟି ବ୍ଲକରେ ଏହି ପରୀକ୍ଷା ଆୟୋଜନ କରାଯାଇଛି ।

# ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ବନ୍ଧୁ ମିଳନ



ବାସୁଦେବପୁର, ୨୨/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟୀକାଣୀଡିହି ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଏକ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ସେବା ଫାଉଣ୍ଡେସନର ଅଧକ୍ଷ ତଥା ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ । ଏହି ବନ୍ଧୁ ମିଳନ ପର୍ବରେ ଅଦ୍ୱୈତ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପୂର୍ବତନ ବ୍ଲକ୍ ଉପାଧକ୍ଷ ବିଚିତ୍ର ପରିଡା, ଗୌରାଙ୍ଗ ପରିଡା, କମଳା କାନ୍ତ ସାର ଓ ବିଭିନ୍ନ ଗ୍ରାମବାସୀ ଏଥିରେ ଯୋଗ ଦେଇଥିଲେ । ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ତାଙ୍କ ବକ୍ତବ୍ୟରେ କହିଲେ ମୁଁ ସବୁବେଳେ ସାନ ହେଉ କି ବଡ଼ ହେଉ ସମସ୍ତ ଲୋକ ମାନଙ୍କୁ ବା ଭାଇ ଭଉଣୀ ମାନଙ୍କୁ ସମ୍ମାନ ଦିଏ । ମୁଁ ସବୁବେଳେ ଲୋକ ମାନଙ୍କ ସହିତ ରହିଥିଲି, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ରହିଥିବି । ତେଣୁ ଯେତେବେଳେ ଯେଉଁ ଲୋକ ମୋ ପାଖକୁ ବିଭିନ୍ନ ସମସ୍ୟା ନେଇ ଆସିବେ ମୁଁ ନିଶ୍ଚିତ ସମାଧାନ କରିବା ପାଇଁ ଚେଷ୍ଟା କରିବି । ଥାନା ସମସ୍ୟା ହେଉ କି କୋର୍ଟ କଚେରି ସମସ୍ୟା ହେଉ କିମ୍ବା ପାରିବାରିକ ସମସ୍ୟା ହେଉ କିମ୍ୱା ଆର୍ଥିକ ସମସ୍ୟା ହେଉ ମୁଁ ସବୁବେଳେ ଲୋକ ମାନଙ୍କୁ ଉଚିତ୍ ନ୍ୟାୟ ଦେବି ଓ ସମାନ ବିଚାର କରିବି ଓ ସର୍ବଦା ଲୋକ ମାନଙ୍କ ସୁଖ ଦୁଃଖର ସାଥୀ ହୋଇ ରହିବି । ରମାକାନ୍ତ ସେବା ଫାଉଣ୍ଡେସନର ସମସ୍ତ ସଦସ୍ୟ ଏହି ବନ୍ଧୁ ମିଳନ ପର୍ବରେ ଯୋଗ ଦେଇଥିଲେ । ଏହା ବ୍ୟତୀତ ଗ୍ରାମବାସୀ ଯୋଗ ଦେଇଥିଲେ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁଙ୍କ ସହିତ ଆଲୋଚନା କରିଥିଲେ । ଏହି ସେବା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ପ୍ରକାର ସୁବିଧା ଅସୁବିଧା ସମୟରେ ଦୁଃଖୀ ଗରିବ ଓ ଅସହାୟ ଲୋକ ମାନଙ୍କୁ ସଦା ସର୍ବଦା ସେବା ଯୋଗାଇ ଦିଆ ଯାଉଛି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଏକ ଦିବସୀୟ ଅଧକ୍ଷ ପୁରସ୍କାର ବିଜେତା ସମ୍ବର୍ଦ୍ଧିତ



ରାଉରକେଲା ରାଉରକେଲା ଇସ୍ପାତ କାରରଖାନାର ଡିଆଇସିଙ୍କ କାର୍ଯ୍ୟାଳୟରେ ଥିବା ମନ୍ଥନ ସମ୍ମିଳନୀ କକ୍ଷରେ ସେପଟ୍ମେର ୨୨ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଶ୍ରୀ ଆଲୋକ ବର୍ମା ଅଧକ୍ଷତା କରି ବ୍ଲାଷ୍ଟ ଫର୍ଣ୍ଣେସେସ୍ (ମେକାନିକାଲ୍) ବିଭାଗ ର ସିନିୟର ମ୍ୟାନେଜର ଶ୍ରୀ ଆଲେନ୍ ଜାକବ୍ ଜନ୍ ଏବଂ ନୂତନ ପ୍ଲେଟ୍ ମିଲ୍ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଦୀପିକା ଅଗ୍ରୱାଲଙ୍କୁ ସେଲ୍ ଦ୍ୱାରା ଆୟୋଜିତ 'ୱାନ ଡେ' ଚେୟାରମ୍ୟାନ୍' ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବି.ଆର୍. ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି, ଓଡିଶା ଗ୍ରୁପ ଅଫ ମାଇନ୍ସ ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ.ପି. ସିଂହ, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ବିତ୍ତ ବିଭାଗ ର ସିଜିଏମ ଶ୍ରୀ ରାଜେଶ ଦାସଗୁପ୍ତା, ନୂତନ ପ୍ଲେଟ ମିଲ ଓ ଏସପିପି ବିଭାଗର ସିଜିଏମ ଶ୍ରୀ ଆର କେ ବିସାରେ ଏବଂ ବ୍ଲାଷ୍ଟ ଫର୍ନେସ ବିଭାଗର ସିଜିଏମ ଶ୍ରୀ ସୁମିତ କୁମାର ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଲିଡର ଏବଂ ପରିବର୍ତ୍ତନର ବାହକ ଭାବରେ କର୍ମଚାରୀମାନଙ୍କ ସାମର୍ଥ୍ୟକୁ ବୁଝିବା ଲକ୍ଷ୍ୟରେ ସେଲ୍ କର୍ପୋରେଟ୍ ବ୍ୟାପାର ବିଭାଗ ଦ୍ୱାରା 'ଏକ ଦିବସର ଅଧକ୍ଷ' ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପଦକ୍ଷେପର ଅଂଶ ସ୍ୱରୂପ ସମଗ୍ର ସେଲ୍ ରୁ ୭୫୬ଟି ଏଣ୍ଟ୍ରି ଗ୍ରହଣ କରାଯାଇଥିଲା ଏବଂ ସେମାନଙ୍କ ମଧରୁ ୧୫ଟି ଶ୍ରେଷ୍ଠ ପ୍ରବେଶିକାକୁ ବିଜେତା ଭାବରେ ମନୋନୀତ କରାଯାଇଥିଲା । ବିଜେତା ମାନଙ୍କୁ ସାର୍ଟିଫିକେଟ ଓ ୫୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ।

ଡିଆଇସି ଶ୍ରୀ ଆଲେନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସୁଶ୍ରୀ ଦୀପିକାଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରଶଂସାପତ୍ର ଶ୍ରୀ ବିଶାରେ ଗ୍ରହଣ କରିଥିଲେ ।

ଏହି ପରିପ୍ରେକ୍ଷୀ ରେ ଯୁବ କୃତିତ୍ୱ ହାସଲକାରୀଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ବର୍ମା କହିଥିଲେ ଯେ ଏହି ସମ୍ମାନ ସେମାନଙ୍କର ଅଭିନବ ଚିନ୍ତାଧାରା ଏବଂ ନେତୃତ୍ୱ କ୍ଷମତାକୁ ପ୍ରତିଫଳିତ କରିଛି । ସେ ଆହୁରି ମଧ କହିଥିଲେ ଯେ ଏପରି ପଦକ୍ଷେପ କର୍ମଚାରୀମାନଙ୍କୁ କେବଳ ରଣନୈତିକ ଭାବରେ ଚିନ୍ତା କରିବାକୁ ଉତ୍ସାହିତ କରେନାହିଁ ବରଂ ସଂଗଠନ ପ୍ରତି ଆପଣା ଭାବ ଏବଂ ଆତ୍ମୀୟତା ଭାବନାକୁ ମଧ ପ୍ରତିଫଳିତ କରୁଛି ।

ଏହି ଅବସରରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ ପ୍ରତିଯୋଗିତାର ଉଭୟ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବିରେ ବୈଠକ



ବୈଶିଙ୍ଗା, ୨୨/୯ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ଆମ୍ବଗଡ଼ିଆ ପଞ୍ଚାୟତର ଦାମୋଦରପୁର ଠାରେ ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଏହାର ନେତୃମଣ୍ଡଳୀଙ୍କୁ ନେଇ ଏକ ବୈଠକ ରବିବାର ମଧାହ୍ନରେ ଆୟୋଜିତ ହୋଇଯାଇଛି । ସିରଜନ ମୁଣ୍ଡାରୀ କଲଚୁରାଲ ଟ୍ରଷ୍ଟ (ସେନଗେ ସୁଗାଲ୍) ତରଫରୁ ଏହାର ସମ୍ପାଦକ ତୁଫାନ୍ ସିଂ ଏବଂ ସଭାପତି ଗୁରା ସିଂ ଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ମାନଙ୍କ ମଧରେ ଭୂମିଜ ସମ୍ପ୍ରଦାୟର ଜନସାଧାରଣ ଏହି ମୁଣ୍ଡାରୀ ଭାଷାରେ କଥାବାର୍ତ୍ତା କରିଥାଆନ୍ତି । ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଭୂମିଜ ସମ୍ପ୍ରଦାୟର ନେତା ଓ କର୍ମୀ ମାନେ ବୈଠକରେ ଅଂଶଗ୍ରହଣ କରିଥିଲେ । ପେଷା ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା । ମୁଣ୍ଡାରୀ ଭାଷାରେ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତିକରଣ ଓ ନିଶା ନିବାରଣ ଦିଗରେ ଜନସଚେତନତା ସୃଷ୍ଟି ଉପରେ ଆଲୋଚନା କରାଯାଇଥିଲା । ଅଂଳା ସରପଞ୍ଚ ସପନା ସିଂ , ରଘୁପୁର ସରପଞ୍ଚ ବତୀ ସିଂ , ଆମ୍ବଗଡ଼ିଆ ପଞ୍ଚାୟତର ସରପଞ୍ଚ ବାସନ୍ତୀ ସିଂ , ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବେତନଟୀ ବ୍ଲକ ଆବାହକ ତପନ ସିଂ ଓ ସଦସ୍ୟ କଟୀ ସିଂ, ଜଗନ୍ନାଥ ସିଂ, ସାରଥୀ ସିଂ , ମଗର ସିଂ, ସମବାରୀ ସିଂ, କବିତା ସିଂ ଓ ସୁମିତ୍ରା ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜଗନ୍ନାଥ ସିଂ ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜ୍ଞାନକେନ୍ଦ୍ର ସ୍ତରୀୟ ପୋଷଣମାହ କାର୍ଯ୍ୟକ୍ରମ

ଗଞ୍ଜାମ, ୨୨/୯ (ନି.ପ୍ର): ଶେରଗଡ଼ ବ୍ଲକ ପିତଳ ପଂଚାୟତର ପିତଳ ପ୍ରଥମ ଅଙ୍ଗନବାଡ଼ି କେନ୍ଦ୍ରରେ ପିତଳ ଜ୍ଞାନକେନ୍ଦ୍ର ସ୍ତରୀୟ ପୋଷଣମାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ୱାର୍ଡ଼ ସଭ୍ୟା ଶାନ୍ତିଲତା ପାଢି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ । ଅଂଚଳ ପରିଦର୍ଶିକା ସଞ୍ଜୁକ୍ତା ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଦ୍ୟ ଶୈଶବର ଯତ୍ନ, ଆବଶ୍ୟକ ପୋଷଣଯୁକ୍ତ ଖାଦ୍ୟ, ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଇ ସୁସ୍ଥ ବାଳକ, ବାଳିକା ଦୁଇ ଜଣଙ୍କୁ ପୁରସ୍କୃତ କରିଥିଲେ । ଏତଦ୍ ବ୍ୟତୀତ ଗୋଦଭରାୟି, ଅନ୍ନ ପ୍ରଶ୍ନ, ମୋ ଗେହ୍ଲା ଝିଅ, ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କର୍ମୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ, ଖାଦ୍ୟ ସାମଗ୍ରୀ ଓ ପନିପରିବା ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କର୍ମୀ ସରିତା ପଣ୍ଡା, ୱାଡ ସଭ୍ୟା ସୁଦେଷ୍ଣା ପଟ୍ଟନାୟକ, ଅଙ୍ଗନବାଡ଼ି କର୍ମୀ କାଦମ୍ବରୀ ନାୟକ, ଗିତାଞ୍ଜଳୀ ନାୟକ, ବବିତା ପାତ୍ର, ସନ୍ଧ୍ୟା ରାଣୀ ଦାଶ, ବାସନ୍ତୁ ସାହୁ, ନମିତା ବେହେରା, ଏ ସୁଜାତା ପାତ୍ର, ବିଷ୍ଣୁ ପ୍ରିୟା ପୃଷ୍ଟି, ସନ୍ତୋଷିନୀ ବେହେରା, ଯାଂଚ୍ କମିଟି ସଭ୍ୟ/ସଭ୍ୟା, ମାତୃ କମିଟି, ଆଶା କର୍ମୀ, ସହାୟିକାଙ୍କ ସମେତ ବହୁ ଅଭିଭାବକ ଯୋଗ ଦେଇଥିଲେ । ଶେଷରେ ଅଙ୍ଗନବାଡ଼ି କର୍ମୀ ପୁଷ୍ପାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ସ୍ତରୀୟ "ଆସ ଆମେ ସ୍କୁଲ ଯିବା' ଅଭିଯାନର ରଥ ଓ ପଦଯାତ୍ରା ବଲାଙ୍ଗିରରେ ଆରମ୍ଭ

ବଲାଙ୍ଗିର, ୨୨/୯ (ନି.ପ୍ର): ରାଜ୍ୟ ସରକାରଙ୍କ 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା' ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ "ଆସ ସ୍କୁଲ ଯିବା" । ଅଂଚଳର ପିଲା ମାନଙ୍କୁ ଉତ୍ସାହିତ କରିବା ସହ ବିଦ୍ୟାଳୟରେ ନାମ ଲେଖାଇବାରେ ପ୍ରେରିତ କରିବା ନିମନ୍ତେ ଜିଲ୍ଲା ସ୍ତରୀୟ "ଆସ ଆମେ ସ୍କୁଲ ଯିବା' ଅଭିଯାନର ରଥ ଓ ପଦଯାତ୍ରା ସ୍ଥାନୀୟ ନେତ୍ରଭାନୁ ଉଚ୍ଚ ବିଦ୍ୟାଳୟ, ଜରାସିଂଘା ଠାରେ ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ, ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଯୋଗଦାନ କରିଥିଲେ, ଅନନ୍ୟା ଅତିଥି ଭାବେ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁସୁମା ମହାପାତ୍ର, ଦେଓଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ, ପଂଚାୟତ ସମିତି ଅଧକ୍ଷ, ଉପାଧକ୍ଷ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଦେଓଗାଁ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାର ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ନେଇ ଲକ୍ଷ୍ୟ ରଖିଛନ୍ତି । କୌଣସି କାରଣ ବଶତଃ ବିଦ୍ୟାଳୟକୁ ଯାଇପାରୁ ନଥିବା ପିଲାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତ ସହିତ ଯୋଡ଼ିବା ପାଇଁ ୧୮ ବର୍ଷରୁ କମ ବୟସର ସମସ୍ତ ପିଲାମାନେ, ପୂର୍ବରୁ ବିଦ୍ୟାଳୟରେ ନାମ ଲେଖାଇଥିଲେ କିନ୍ତୁ ଏବେ ପାଠପଢ଼ା ଛାଡ଼ି ଦେଇଛନ୍ତି, ସେମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବା, ଯେଉଁମାନେ କେବେ ବିଦ୍ୟାଳୟରେ ନାମ ଲେଖାଇ ନାହାଁନ୍ତି, ସେମାନଙ୍କୁ ବୟସ ଅନୁସାରେ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା ।

# "ଭୂମିକା'' ଚକ୍ଷୁ ଚିକିତ୍ସାଳୟ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ



ବାରିପଦା, ୨୨/୯ (ନି.ପ୍ର): ସ୍ଥାନୀୟ ଭୁଗୁଡାକଟାସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟ ତରଫରୁ ଲକ୍ଷ୍ମୀପୋଷିଠାରେ ଥିବା ୫ମ ବାଟାଲିୟନ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଚିକିତ୍ସାଳୟର ଅଧିକ୍ଷକ ଡା. ପାର୍ଥ ସାରଥୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ କମାଣ୍ଡାଣ୍ଟ ପ୍ରଶାନ୍ତ ନାୟକ ଉଦ୍‌ଘାଟନ କରି ଚକ୍ଷୁ ହିଁ ମଣିଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ନିଜର ବକ୍ତବ୍ୟରେ କହିଥିଲେ । ଉକ୍ତ ଶିବିରରେ ଭୂମିକାର ଆଞ୍ଚଳିକ ଶାଖା ପରିଚାଳକ ବିରଞ୍ଚ ନାରାୟଣ ସେଠୀ , ଅନ୍ୟତମ ପରିଚାଳକ ରାଜଶ୍ରୀ ପ୍ରଧାନ, ରାମଚନ୍ଦ୍ର ରାୟ ତଥା ସ୍ନେହାଶିଷ ହାଜରାଙ୍କ ସହଯୋଗୀତାରେ ୧୨୦ଜଣ ପୋଲିସ କର୍ମଚାରୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଡାକ୍ତର ଜେନା କର୍ମଚାରୀଙ୍କୁ ଦୃଷ୍ଟି ଶକ୍ତି କିପରି ଠିକ୍ ରହିପାରିବ ସେ ବିଷୟରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲିଜାରାଣୀ ମହାନ୍ତ, ରତ୍ନମଣୀ ମହାନ୍ତ, ରଶ୍ମିତା ଗିରି, ସସ୍ମିତା ସାହୁ ଓ କମଲ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ଓଏସଆରଟିସି ବସରେ ଦୁଇ ନାବାଳକଙ୍କୁ ୨୫ କିମି ବୁଲାଇବା ଭିତ୍ତିହୀନ



ବୈଶିଙ୍ଗା , ୨୨/୯ (ନି.ପ୍ର): ଗତ ୭ ତାରିଖ ରବିବାର ଦିନ ଅପରାହ୍ନ ୪ ଘଟିକା ସମୟରେ ଓଏସଆରଟିସି ର ମୁଖ୍ୟମନ୍ତ୍ରୀ ବସରେ ଦୁଇ ନାବାଳକ ଙ୍କୁ ୨୫ କିମି ବୁଲାଇ ବୁଲାଇ ବୈଶିଙ୍ଗା ରେ ଓହ୍ଲାଇ ଦେବା ଏବଂ ସାଧାରଣରେ କଣ୍ଡକ୍ଟର କୁ କାନ ଧରି ଉଠ ବସ କରାଇବା ଘଟଣା ଏକ ନିର୍ଦ୍ଦିଷ୍ଟ ସମ୍ବାଦ ପତ୍ର ରେ ପୃଷ୍ଠା ମଣ୍ଡନ କରିବା ଏକ କପୋଳ କଳ୍ପିତ ବୋଲି କଣ୍ଡକ୍ଟର ପ୍ରତାପ ଚନ୍ଦ୍ର ବୈଠା ଏବଂ ଡ୍ରାଇଭର ଗିରିଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି । ଏଥିପଇଁ ପିୟୂଷ ର ବାପା ସରୋଜ ପୁଥାଲ ଏବଂ ରୋହିତର ବାପା ବ୍ରଜମୋହନ ବେହେରା ଏବଂ ସ୍ପଷ୍ଟ ସ୍ୱୀକାରୋକ୍ତି ମଧ ଦେଇଛନ୍ତି। ଅନୁସନ୍ଧାନ ରୁ ଯାହା ଜଣାଯାଏ ଅପରାହ୍ନ ଘ.୨.୫୦ ମିନିଟ ସମୟରେ ଏହି ବସଟି (ଓଡି ୧୧ ଏଇ ୩୪୧୯) ନଡପୁରରୁ ଆସିବା ସମୟ ରେ ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରାଙ୍କ ନାବାଳକ ପୁତ୍ର ରୋହିତ ଏବଂ ବୈଶିଙ୍ଗା ଗ୍ରାମର ସରୋଜ ପୁଥାଲଙ୍କ ନାବାଳକ ପୁତ୍ର ପିୟୂଷ ଦୁଇ ଜଣ ବସରେ ଚଢି ବୈଶିଙ୍ଗା ରେ ଓହ୍ଲାଇବାର ଥିଲା । ମାତ୍ର ପିୟୂଷଙ୍କ ବାପା ସରୋଜ ଘ.୩.୨୫ ମିନିଟ ସମୟ ରେ ବୈଶିଙ୍ଗା ବସ ଷ୍ଟାଣ୍ଡରେ ନ ଥିବାରୁ ପିଲା ଦୁଇ ଜଣ ନ ଓହ୍ଲାଇ ଶେଷ ସୀମା କଳମା ପର୍ଯ୍ୟନ୍ତ ସେହି ବସରେ ଚାଲି ଯାଇଥିଲେ । ସେଠାରୁ ଫେରିବା ପରେ ଘ.୪.୧୦ ମିନିଟ ସମୟ ରେ ବୈଶିଙ୍ଗା ଠାରେ ପିୟୂଷ ର ବାପା ସରୋଜ ପିଲା ଦୁଇ ଜଣଙ୍କୁ ଓହ୍ଲାଇ ନେବା ସହିତ କଣ୍ଡକ୍ଟର କୁ ୧୦ ଟଙ୍କା ଦେଇଥିଲେ ଏବଂ ବିରକ୍ତ ହୋଇଥିଲେ। ଏହାପରେ ବେତନଟୀ ସରକାରୀ ବସଷ୍ଟାଣ୍ଡରେ ଘ.୫.୧୫ମିନିଟରେ ପହଞ୍ଚିବା ପରେ ଡ୍ରାଇଭର ଓ କଣ୍ଡକ୍ଟର ଦୁଇ ଜଣ ନିଜ ନିଜ ଘରକୁ ଯାଇଥିଲେ । ମାତ୍ର ଏହି ଘଟଣାକୁ ନେଇ ନିର୍ଦ୍ଦିଷ୍ଟ ସମ୍ବାଦପତ୍ର ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ଏଭଳି ଚିତ୍ରଣ କରାଗଲା , ଯାହା ଫଳରେ ଡ୍ରାଇଭର ଏବଂ କଣ୍ଡକ୍ଟର ଦୁହିଁଙ୍କୁ ଚାକିରୀ ରୁ ନିଲମ୍ବିତ କରିଦିଆଗଲା । ଏହି ଘଟଣାକୁ ନେଇ ରୋହିତ ଙ୍କ ବାପା ବ୍ରଜମୋହନ ବେହେରା ଙ୍କୁ ପଚାରିବାରେ ସେ କହିଲେ 'କଣ୍ଡକ୍ଟର ପ୍ରତାପ ବୈଠା ମୋର ପରିଚିତ ଥିବାରୁ ପିଲା ଦୁଇ ଜଣଙ୍କୁ ବୁଲାଇବାକୁ କଳମା ପର୍ଯ୍ୟନ୍ତ ନେଇ ଯାଇଥିଲେ ।

## ବଜ୍ରପାତରେ ମୃତ ପପୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବୈଶିଙ୍ଗା ବଜାର ଦୁଇ ଘଣ୍ଟା ପାଇଁ ବନ୍ଦ

ବୈଶିଙ୍ଗା , ୨୨/୯ (ନି.ପ୍ର): ଶନିବାର ସନ୍ଧ୍ୟାରେ ବଜ୍ରପାତ ଜନିତ ମୃତ୍ୟୁ ବରଣ କରି ଥିବା ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଙ୍କ ସାନ ଭାଇ ସୁନମ୍ର (ପପୁ)କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ବୈଶିଙ୍ଗା ବଜାରରେ ଥିବା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଦୁଇ ଘଣ୍ଟା ପାଇଁ ବନ୍ଦ ରଖାଯାଇଥିଲା ।ବୈଶିଙ୍ଗା ଥାନାରେ ଏ ନେଇ ୪୭ନଂ ଅପମୃତ୍ୟୁ ମାମଲା ରୁଜୁ କରି ରବିବାର ସକାଳେ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇ ଥିଲା । ଅପରାହ୍ନ ୧ ଘଟିକା ସମୟରେ ବ୍ୟବଚ୍ଛେଦ ହୋଇ ଫେରିବା ପରେ ନିଜ ଘରୁ ଗ୍ରାମ ଶ୍ମଶାନ କୁ ନିଆ ଯାଇଥିଲା । ଶବାଧାର ରେ ଶହ ଶହ ବନ୍ଧୁ ବାନ୍ଧବ ଙ୍କ ସହିତ ବଜାର କମିଟିର ବ୍ୟବସାୟୀ , ସାଧାରଣ ଜନତା ସମବେତ ହୋଇ ଶ୍ମଶାନ କୁ ଯାଇଥିବାର ଦେଖା ଯାଇଥଲା ।ପପୁର ବ୍ୟବହାର ଓ ମିଷ୍ଟଭାଷିତା ପାଇଁ ସେ ସମସ୍ତଙ୍କ ପାଖରେ ଆଦୃତ ହୋଇ ପାରି ଥିଲା ।ସେ ଅମର ହୋଇ ରହିଗଲା ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ ।

# ଜିପିଏଲଏଫ୍ ସପୋର୍ଟ ଷ୍ଟାଫଙ୍କ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ନୀଳଗିରି , ୨୨/୯ (ନି.ପ୍ର): ଅଲ୍ ଓଡ଼ିଶା ଜିପିଏଲ୍ଏଫ୍ କର୍ମୀସଂଘ ଡାକରାରେ ଓଡିଶାର ୩୦ଟି ଜିଲ୍ଲାର ୩୧୪ଟି ବ୍ଲକରେ କାର୍ଯ୍ୟରତ ସମସ୍ତ କମ୍ୟୁନିଟ୍ ସପୋର୍ଟ ଷ୍ଟାଫ ଆଜିଠାରୁ ପ୍ରତ୍ୟେକ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଅନୁରୂପ ଭାବେ ନୀଳଗିରି ବ୍ଲକର ୨୫ଗୋଟି ପଞ୍ଚାୟତର ସମସ୍ତ ଜିପିଏଲ୍ଏଫ୍ କର୍ମୀ ଓଏଲଏମ ଅଫିସରେ ତାଲାପକାଇ ନୀଳଗିରି ବିଡ଼ିଓଙ୍କ କାର୍ଯ୍ୟଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ୨୦୧୨ମସିହାରୁ ସମସ୍ତ କମ୍ୟୁନିଟ ସପୋର୍ଟ ଷ୍ଟାଫଙ୍କୁ ପୂର୍ବ ରାଜ୍ୟସରକାର ପୂର୍ବରୁ ପ୍ରଦାନ କରାଯାଉଥିବା ସ୍ଥାୟୀ ପାରିଶ୍ରମିକକୁ ବର୍ତ୍ତମାନର ରାଜ୍ୟସରକାର କାର୍ଯ୍ୟକାରୀ କରିବା ସହିତ ନୂତନକରି କାର୍ଯ୍ୟକାରୀ କରିଥିବା ପାରିଶ୍ରମିକ ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଏହାସହିତ ସିଆରପି ମାନଙ୍କୁ ରେଭିନ୍ୟୁ ୱାଇଜ ନକରି ପୂର୍ବରୁ କାର୍ଯ୍ୟକରୁଥିବା ଆଞ୍ଚଳିକ ବ୍ୟବସ୍ଥାରେ କାମକରିବାକୁ ଦାବୀ କରାଯାଇଥିବା ସୂଚନା ଦେଇଛନ୍ତି। ନୀଳଗିରି ବ୍ଲକ୍ ଜିପିଏଲ୍ଏଫ୍ ସଭାପତି ସେବାଶ୍ରୀ ବାରିକଙ୍କ ନେତୃତ୍ୱରେ ୫ଗୋଟି କ୍ୟାଡ଼ର ଯଥା:-ଏମବିକେ, ସିଆରପି, ବ୍ୟାଙ୍କମିତ୍ର,ପ୍ରାଣୀମିତ୍ର, କୃଷିମିତ୍ରର ଏହି ଧାରଣାରେ ସାମିଲ ହୋଇଥିଲେ। ସୂଚନା ଅନୁଯାୟୀ ଗତ ସେପ୍ଟେମ୍ବର ୧୫ତାରିଖରେ ଅଲ୍ ଓଡିଶା ଜିପିଏଲ୍ଏଫ୍ କର୍ମୀ ସଂଘ ତରଫରୁ ବିଭାଗୀୟ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ୬ମାସ ପୂର୍ବରୁ ଏନେଇ ରାଜ୍ୟ ସରକାର, ବିଡ଼ିଓ,ଜିଲ୍ଲାପଳ, ଏସଏମଡି, ମିଶନଶକ୍ତି ମନ୍ତ୍ରୀ ପ୍ରମୁଖଙ୍କୁ ଅବଗତ କରାଯାଇ ସମସ୍ୟାର ସମାଧାନ ପାଇଁ ଦାବୀ କରାଯାଇଥିଲା। ମାତ୍ର ୭ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ପ୍ରଶାସନ କିମ୍ବା ରାଜ୍ୟସରକାର କର୍ଣ୍ଣପାତ ନକରିବାରୁ ରାଜ୍ୟସଂଘ ନିର୍ଦ୍ଦେଶ ଅନୁଯାୟୀ ଏହି ଧାରଣା ଦିଆଯାଇଥିବା ସଂଘ ତରଫରୁ ସୂଚନା ଦିଆଯାଇଛି। ଏହି ଧାରଣାରେ ଉର୍ବଶୀ ବେହେରା, ଯୋଗମାୟା ସାହୁ, ଗିତାରାଣୀ ଲେଙ୍କା ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହ ବ୍ଲକର ସମସ୍ତ ସପୋର୍ଟ ଷ୍ଟାଫ ସହଯୋଗ କରିବାସହିତ ଧାରଣାରେ ସାମିଲ ହୋଇଥିଲେ।

# ସ୍ଥାୟୀ ଦରମା ଦାବିରେ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଧାରଣା ଆରମ୍ଭ



ଖଇରା, ୨୨/୯ (ନି.ପ୍ର): ବିଭିନ୍ନ ଗ୍ରାମ ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ଅଧୀନରେ କାର୍ଯ୍ୟକରୁଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ ବା ଗୋଷ୍ଠୀ ସହାୟିକା କର୍ମଚାରୀ ମାନେ ୬ମାସ ଧରି ପାରିଶ୍ରମିକ ନମିଳିବା ତଥା ସ୍ଥାୟୀ ଦରମା ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବାକୁ ଥିବା ଗଣଧାରଣା ସୋମବାର ଠାରୁ ଖଇରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଛି । ଗ୍ରାମ ପଞ୍ଚାୟତ ସ୍ତରୀୟ ସଙ୍ଗଠନରେ କାର୍ଯ୍ୟକରୁଥିବା ୩ଶହରୁ ଉର୍ଦ୍ଧ ଷ୍ଟାଫ ସଭାପତି ନିରୂପମା ନାୟକ ଓ ସମ୍ପାଦକ ଭାନୁମତି ପଣ୍ଡାଙ୍କ ନେତୃତ୍ୱରେ ପ୍ରଥମେ ଦୂର୍ଗା ମଣ୍ଡପ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହରି ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ପରେ ମିଶନ ଶକ୍ତି କାର୍ଯ୍ୟାଳୟ ରେ ତାଲା ଦେଇ ଗଣଧାରଣାରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବସିରହିଥିଲେ । ପରଫରମାନ୍ସ ବୋନସ ପ୍ରଦାନ ଭଳି ପ୍ରହସନ ବନ୍ଦ କରି ସ୍ଥାୟୀ ଦରମା ପ୍ରଦାନ କରାନଯିବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ଆନ୍ଦୋଳନରତ ମହିଳା ମାନେ ଚେତାବନୀ ଦେଇଥିଲେ ।

# କାନ୍ଥ ଭୁଷୁଡି ସ୍ୱାମୀ,ସ୍ତ୍ରୀ ମୃତ: ଝିଅ ଗୁରୁତର



ବସ୍ତା , ୨୨/୯ (ନି.ପ୍ର): ଘରେ ଶୋଇଥିବା ବେଳେ ବିଳମ୍ବିତ ରାତି ରେ କାନ୍ଥ ଭୁସୁଡି ସ୍ୱାମୀ ସ୍ତ୍ରୀ ମୃତ, ଝିଅ ଗୁରୁତର, ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମହାଦେବ ସରାଇ ଗ୍ରାମରେ ଅଘଟଣ, ମୃତକ ସ୍ୱାମୀ ପିଥ ମୁର୍ମୁ ସ୍ତ୍ରୀ ମିନତୀ ମୁର୍ମୁ ଏବଂ ଗୁରୁତର ୧୨ ବର୍ଷ ର ଝିଅ ଲକ୍ଷ୍ମୀ ମୁର୍ମୁ, ଗତକାଲି ସମସ୍ତେ ଖାଇ ପିଇ ଘରେ ଶୋଇ ଥିବା ବେଳେ ବିଳମ୍ବିତ ରାତି ରେ କାନ୍ଥ ଭୁସୁଡି ପଡିବାରୁ କାନ୍ଥ ତଳେ ଚାପି ହୋଇ ସ୍ୱାମୀ ସ୍ତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଝିଅ ଗୁରୁତର ହୋଇଥିଲା, ଝିଅ କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରା ଯାଇଛି, ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ



ବାଲିଆପାଳ , ୨୨/୯ (ନି.ପ୍ର): ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅବସରରେ ବାଲିଆପାଳ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୋମବାର ପୂର୍ବାହ୍ନରେ ରକ୍ତ ଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ହସ୍ପିଟାଲ ଇନର୍ଚାରଜ ପ୍ରୀତମ କୁମାର ସାହୁ, ମଧୁପୁରା ଲମ୍ବୋଦର ମାହାନା, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା, ଜିଲ୍ଲା ଯକ୍ଷ୍ମା ସଂଯୋଜକ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମେଡିସିନ , ସ୍ତ୍ରୀପ୍ରସୁତି, ନାଶାଗଳା, ଅସ୍ଥି, ଦାନ୍ତ,ଶିଶୁ ବିଭାଗରୁ ବାଲେଶ୍ୱର ହସ୍ପିଟାଲରୁ ଆସିଥିବା ବିଶେଷଜ୍ଞ ମାନଙ୍କ ଦ୍ୱାରା ଉଭୟ ମହିଳା , ପୁରୁଷ ଓ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହା ବ୍ୟତିତ ଗର୍ଭବତୀ ମହିଳା ମାନଙ୍କର ପୋଷଣ ପାଇଁ କାଉନସିଲିଂ ମଧ ହୋଇଛି। ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲ୍ ସୁପରଭାଇଜର ରମାନାଥ କର, ବ୍ଲକ ପ୍ରୋଗ୍ରାମ ଅଫିସର୍ ବିଶ୍ୱଜିତ ଦାସ, ଫାର୍ମାସିଷ୍ଟ ସରୋଜ କୁମାର ଦାସ, ପିଏଚଇଓ ଝୁନିବାଳା ଦେ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ଅଭିଯାନରେ ୭୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସେବା ଯୋଗାଇ ଦେବା ସହିତ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସନ୍ତା ବୁଧବାର ଓ ଗୁରୁବାର ଦିନ ଗର୍ଭବତୀ ମହିଳା ମାନଙ୍କର ଅଲଟ୍ରାସାଉଣ୍ଡ କରାଯିବ ବୋଲି ଇନର୍ଚାରଜ ସୂଚନା ଦେଇଛନ୍ତି।

## ସ୍ୱର୍ଗତ ଦୈତାରୀ ମହାର୍ଣ୍ଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର

ବୈଶିଙ୍ଗା , ୨୨/୯ (ନି.ପ୍ର): ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ୰ଦୈତାରୀ ମହାର୍ଣ୍ଣାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ବିଶାଳ ରକ୍ତ ଦାନ ଶିବିର ଆୟୋଜନ କରାଯାଇଛି। ଏହି ରକ୍ତଦାନ ଶିବିର ତାଙ୍କର ବାସସ୍ଥାନ ପଦ୍ମନାଭପୁର ଗ୍ରାମରେ ତା ୨୩/୯/୨୫ରିଖ ସକାଳ ୧୦ ଘଟିକାରେ ଅନୁଷ୍ଠିତ ହେବ ବୋଲି ତାଙ୍କର ପୁତ୍ର ଶୁଭ୍ରାଂଶୁ ଶେଖର ମହାର୍ଣ୍ଣା ଜଣାଇଛନ୍ତି। ବାରିପଦା ବ୍ଲକ ବ୍ୟାଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୂଖ୍ୟ ଅତିଥି ଭାବେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ବହୁ ସଂଖ୍ୟାରେ ରକ୍ତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ନିବେଦନ କରାଯାଇଛି ।

# ଓଡ଼ିଶାରେ 'ଭାଗବତ'କୁ ପାଠ୍ୟପୁସ୍ତକ ଭାବରେ ଗ୍ରହଣ କରିବାକୁ ଦାବି



ଉଦଳା , ୨୨/୯ (ନି.ପ୍ର): ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ 'ଭାଗବତ'କୁ ଓଡ଼ିଶାରେ ଥିବା ଶିକ୍ଷାନୁଷ୍ଠାନ ମାନଙ୍କରେ ଏକ ପାଠ୍ୟ ପୁସ୍ତକ ଭାବରେ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି । କପ୍ତିପଦା ଉପଖଣ୍ଡ ବ୍ରାହ୍ମଣ ମହାସଭାର ସଂପାଦକ ରଂଜନ ପ୍ରହରାଜ ଏ ବାବଦରେ ନିଜର ମତ ଦେବାକୁ ଯାଇ କହିଛନ୍ତି, ଅତିତରେ ଓଡ଼ିଶାରେ ପ୍ରତି ଘରେ 'ଭାଗବତ' ପଢ଼ା ଯାଉଥିଲା । ଗ୍ରାମରେ ଗଢ଼ି ଉଠିଥିବା ଭାଗବତଟୁଙ୍ଗି କୁ ଛାତ୍ର ଛାତ୍ରୀ ମାନଙ୍କର ପ୍ରଥମ ପାଠଶାଳା ବୋଲି କୁହାଯାଉଥିଲା । ଓଡ଼ିଶାର ପରିଚୟ କହିଲେ ଭାଗବତଟୁଙ୍ଗିକୁ ବୁଝାଉଥିଲା। ତେଣୁ ଶିକ୍ଷାନୁଷ୍ଠାନ ମାନଙ୍କରେ 'ଭାଗବତ'କୁ ଏକ ପାଠ୍ୟ ପୁସ୍ତକ ଭାବରେ ଗ୍ରହଣ କରିବାକୁ ଦାବି ଜଣାଇ ପୁଣି ଥରେ ଓଡ଼ିଶାର ଅତିତର ସୁନ୍ଦର ପରମ୍ପରାକୁ ଫେରାଇ ଆଣିବା ପାଇଁ ଆମେ ଉଦ୍ୟମ କରୁଛୁ ବୋଲି ଜଣାଇଛନ୍ତି । ସେହିପରି ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କହିଛନ୍ତି, ଓଡ଼ିଶାର ଜନଜୀବନକୁ ବହୁଳ ଭାବରେ ଭାଗବତ ହିଁ ଅତିତରେ ପ୍ରଭାବିତ କରିଥିଲା । ଗଙ୍ଗାଠାରୁ ଗୋଦାବରି ପର୍ଯ୍ୟନ୍ତ ଓଡ଼ିଶାର ଭୂଖଣ୍ଡ ପରିବ୍ୟାପ୍ତ ଥିବା ବେଳେ ଭାଗବତଟୁଙ୍ଗୀ ଓଡ଼ିଶାର ପ୍ରାଣକେନ୍ଦ୍ର ଭାବରେ ବିବେଚିତ ହେଉଥିଲା । ତେଣୁ 'ଭାଗବତ'କୁ ଶିକ୍ଷାନୁଷ୍ଠାନ ମାନଙ୍କରେ ଏକ ପାଠ୍ୟ ପୁସ୍ତକ ଭାବରେ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି ମତ ଦେଇଛନ୍ତି । ଉଦଳା ପଂଚାୟତ ସମିତିର ପୂର୍ବତନ ଅଧକ୍ଷ ଶରତ ଚନ୍ଦ୍ର ଦାସ ଆମ ଅଂଚଳର ଢ଼ିହିରାକୁଳ ଗ୍ରାମରେ ଥିବା ଭାଗବତଟୁଙ୍ଗି ମୟୂରଭଂଜର ପ୍ରଥମ ସରକାରୀ ତାଲିକାଭୁକ୍ତ ଭାଗବତଟୁଙ୍ଗି ଭାବରେ ପରିଚିତ ବୋଲି ବ୍ୟକ୍ତ କରିବା ସହ ରାଜ୍ୟଶାସନରେ ଥିବା ସରକାର ଏପରି ଏକ ଦାବିକୁ ନିଶ୍ଚିତ ପୁରଣ କରିବେ ଏଥିରେ ସନ୍ଦେହ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଶେଷରେ ବ୍ରାହ୍ମଣ ମହାସଭା ଓ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସମସ୍ତ ସଦସ୍ୟ ମିଳିମିଶି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏ ବାବଦରେ ଏକ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଥିବାର ଜଣାଯାଇଛି । ପ୍ରକାଶ ଥାଉକି ଓଡ଼ିଆ ଘରର ପ୍ରତିଟି ପରମ୍ପରା ଶ୍ରୀମନ୍ଦିରରେ ଦୃଶ୍ୟମାନ ହେଉଥିବା ବେଳେ ନିୟମିତ ସନ୍ଧ୍ୟାରେ ଏଠାରେ ଆଜିବି ଭାଗବତ ପାଠର ବିଧି ରହିଛି ।

# 'ଆମେ'ର ମହାଳୟା ଅମାବାସ୍ୟା ଆସର



ଭଦ୍ରକ , ୨୨/୯ (ନି.ପ୍ର): ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର ଅମାବାସ୍ୟା ଆସର ଭଦ୍ରକ କଲେଜ ପରିସରସ୍ଥ ପ୍ରଜ୍ଞାପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଅଧକ୍ଷତା କରିଥିଲେ 'ଆମେ' ର ସଭାପତି ପ୍ର. ଡ଼. ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ନେତା ପ୍ରଭାକର ପରିଡା ସମ୍ପାଦକୀୟ ବିବରଣୀ ପଥ କଲା ପରେ ମହାଳୟାର ମହତ୍ତ୍ୱ ଉପରେ ଦୀକ୍ଷାନ୍ତ ଭାଷଣ ରଖିଥିଲି । ପ୍ର. ଡ଼.ଦେବେନ୍ଦ୍ର ନାଥ ଧନୀ, ପ୍ର. ଡ଼. ନିତ୍ୟାନନ୍ଦ ମିଶ୍ର, ପ୍ର. ଡ଼. ସୁଦର୍ଶନ ବାରିକ ଓ କଳା ସଂସ୍କୃତି ମଞ୍ଚ ଭଦ୍ରକ ଜିଲ୍ଲାର ଉପସଭାପତି ତ୍ରିଲୋଚନ ପଣ୍ଡା । ଏହି ସଭାକୁ ଓଡ଼ିଶାର ବିଭିନ୍ନ ସ୍ଥାନର ଯଥା ଭୁବନେଶ୍ୱର, କଟକ, ଯାଜପୁରରୁ ସାହିତ୍ୟିକ, କଳାକାରମାନେ ଯୋଗଦାନ କରିଥିଲେ । ଆମ ଜିଲ୍ଲାର ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ପ୍ର. ଡ଼. ମନିନ୍ଦ୍ର ମହାନ୍ତି, ପ୍ର. ଡ଼.କ୍ଷୀରୋଦ ସାମଲ, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ପ୍ର. ଡ଼. ଗୋଲକ ଚନ୍ଦ୍ର ସାହୁ, ଆମେ ର ଉପସଭାପତି ଆଡଭୋକେଟ ଅଗଣି ଚରଣ ଜେନା ପ୍ରଭୃତି ଜିଲ୍ଲା ବାହାରୁ ଆସିଥିବା ଅତିଥିମାନଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାଙ୍କ ମଧ୍ୟରେ ସଂଯୁକ୍ତା ବଳ ନାୟକ, ଫକୀର ଚରଣ ବଳ, ପ୍ରାଧାପିକା ଭାନୁମତୀ ମାଟିଆ, ପ୍ରାଧାପିକା ଉଷାରାଣୀ ଜେନା, ପ୍ରାଧାପିକା ନୀଳିମା ପଣ୍ଡା, ଅଧାପିକା ମଧୁମିତା ନାୟକ, କବି ବିପ୍ଳବ ପତି, କବି ରମେଶ ଦାସ,ଅଂଶୁମାନ ନାୟକ, ଋତୁରାଜ ଅକ୍ଷୟ କୁମାର, ମାଧବିଲତା ନାୟକ, ତନୁଶ୍ରୀ ନାୟକ, ଅଧାପିକା ସ୍ୱାଗତିକା ସାହୁ, ଅଧାପିକା ଅମିତ କୁମାର ନାୟକ ସହ ସମ୍ପାଦକ ପ୍ରଭୃତି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଅସ୍ମିତା ନାୟକ ସମସ୍ତଙ୍କୁ ନୈଶ୍ୟ ଭୋଜନରେ ଆପ୍ୟାୟିତ କରିଥିଲେ।

# ନିଟ୍ ପରୀକ୍ଷାରେ ସିକ୍ୟୁରିଟି ଗାର୍ଡର ପୁଅ ଜ୍ୟୋତିପ୍ରକାଶଙ୍କ ସଫଳତା

ବାଲିଆପାଳ , ୨୨/୯ (ନି.ପ୍ର): ନିଟ ପରୀକ୍ଷାରେ ବସ୍ତା ବ୍ଲକ୍ ନାବାରା ପଞ୍ଚାୟତ ଅନ୍ତର୍ଗତ ସିତାଡିହା ଗାଁର ଜ୍ୟୋତି ପ୍ରକାଶ ସଫଳତା ଅର୍ଜନ କରିଛନ୍ତି। ସେ ୨୬୪୪୦ ରେଙ୍କ ରେ ଥିବା ବେଳେ କାଉସିଲିଙ୍ଗ ପରେ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ୍ କଲେଜରେ ପଢିବା ପାଇଁ ମନୋନୀତ ହୋଇଛନ୍ତି।ପିତା କ୍ଷୀରୋଦ ସାହୁ ଓ ମାତା ରୀତାଞ୍ଜଳି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଜ୍ୟୋତି ପ୍ରକାଶ। ତାପୁଣ୍ଡିଆ ସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟର ୨୦୨୨ ରେ ୫୬୭ ନମ୍ବର ଏବଂ ୨୦୨୪ ରେ +୨ ରେ ୫୩୯ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ବାପା ବାଲିଆପାଳରେ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟ ଗାର୍ଡ ଭାବେ କାର ?ୟ୍ୟ କରନ୍ତି। ମା ଜଣେ ଗୃହିଣୀ। ପୁଅର ଡାକ୍ତରି ପଢ଼ିବାର ମନୋବୃତ୍ତି ଦେଖି ବାପା ବହୁତ ଗରୀବ ହୋଇଥିଲେ ମଧ ୬ ମାସ ପାଇଁ ଭୁବନେଶ୍ୱର ଏକ ଘରୋଇ କଚୋଙ୍ଗସେଣ୍ଟରେ ନାମ ଲେଖାଇଥିଲେ। କୋଚିଙ୍ଗ ନେବାର ପ୍ରଥମ ଥର ପରୀକ୍ଷାରେ ପାସ୍ କରିଥିବାରୁ ଜ୍ୟୋତି ପ୍ରକାଶଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି। ଏହି ସଫଳତା ପାଇଁ କଠିନ ପରିଶ୍ରମ,ଗୁରୁଜନ, ବାପା, ମାଆ , ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ପିଲା ଦିନରୁ ପାଠପଢାଉ ଥିବା ଶିକ୍ଷକ ଖଗେନ୍ଦ୍ର ପାଳ ଓ ହାଇସ୍କୁଲର ପରମାନନ୍ଦ ଦେ ଙ୍କୁ ଶ୍ରେୟ ଦେଇଛନ୍ତି ଜ୍ୟୋତି ପ୍ରକାଶ। ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida